# ପରମେଶ୍ୱର ଆପଣା ବ୍ୟାଖ୍ୟାତା ସ୍ୱୟଂ ଅଟନ୍ତି

ଆମମାନଙ୍କର ସ୍ୱର୍ଗସ୍ଥ ପିତା, ତୁମଠାରୁ ଏକ ବାକ୍ୟ ପାଇବାର ମହତ୍ତ୍ୱ ସେସମସ୍ତ ବିଷୟଠାରୁ କହିଁ ଅଧିକ ହେବ ଯାହାକି ମନୁଷ୍ୟ କେବେ କୌଣସି ସମୟରେ କିଛି କରିପାରେ କିଅବା କହିପାରେ, କାରଣ ଲୋକମାନେ ତୁମକୁ ଦେଖିବା ପାଇଁ ଅପେକ୍ଷା କରୁଅଛନ୍ତି। ଆଉ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ କାରଣ ସେଠାରେ ଏପରି ଲୋକମାନେ ଅଛନ୍ତି ଯେଉଁମାନେକି ଆଶାରେ ରହିଛନ୍ତି, ସେମାନେ କିଛି ଘଟିତ ହେବା ନିମନ୍ତେ ଅପେକ୍ଷା କରୁଛନ୍ତି। ଏବଂ ଯେତେବେଳେ ଲୋକମାନେ କିଛି ବିଷୟ ପାଇଁ ତୃଷାର୍ତ୍ତ ହେଉଅଛନ୍ତି, ଏକ ଗଭୀର ଅନ୍ୟ ଗଭୀରକୁ ଡାକୁଅଛି, ତେବେ ସେହି ଡାକକୁ ଉତ୍ତର ଦେବା ପାଇଁ ନିଶ୍ଚିତ ସେଠାରେ ଏକ ଗଭୀରକୁ ରହିବାକୁ ଅଛି। ସେଇଥିପାଇଁ ଆଜିରାତ୍ରି ଆମେମାନେ ଏଠାରେ ଅଛୁ, କାରଣ ଏହା ଏହି ସେବକମାନଙ୍କ ହୃଦୟରେ, ଏବଂ ଲୋକମାନଙ୍କ ହୃଦୟରେ ଥିଲା, ଯେ ଆମମାନଙ୍କୁ ସମସ୍ତଙ୍କୁ ଏକତ୍ର ଏକାଠି କରି ତୁମଠାରୁ ଅନୁଗ୍ରହ ଏବଂ ଆଶୀର୍ବାଦଗୁଡ଼ିକ ମାଗୁ, ପୁଣି ଏହା ବିଶ୍ୱାସ କରି ଯେ ତୁମେ ରୋଗୀମାନଙ୍କୁ ସୁସ୍ଥ କରିବ ଏବଂ ହଜି ଯାଇଥିବା ଲୋକମାନଙ୍କୁ ଉଦ୍ଧାର କରିବ, ଏବଂ ତୁମର ବାକ୍ୟକୁ ପ୍ରକାଶ କରିବ।

2 ଆଉ ହେ ସ୍ୱର୍ଗୀୟ ପିତା, ଆମେମାନେ ପ୍ରାର୍ଥନା କରୁଛୁ, ଯେ ତୁମେ ଆମମାନଙ୍କୁ ତାହା ପ୍ରଦାନ କରିବ ଯେତେବେଳେକି ଆମେମାନେ ରାତ୍ରି ପରେ ରାତ୍ରି, ନମ୍ର ଭାବରେ ତୁମଠାରେ ଅପେକ୍ଷା କରି ରହିଛୁ। ହେବାକୁ ଦିଅ ଯେ ପବିତ୍ରଆତ୍ମାଙ୍କ ଏପରି—ଏପରି ଏକ ବୃଷ୍ଟି ହେଉ, ଆଉ ପ୍ରତ୍ୟେକ ବ୍ୟକ୍ତି ତାହାଙ୍କର ଚାରିପାଖେ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ ଯେକୌଣସି ବିଷୟ ପ୍ରତି ଅନ୍ଧ ହୋଇଯାଉନ୍ତୁ। ଏପରି ହେଉ ଯେ ଲୋକମାନଙ୍କ ମଧ୍ୟରେ ଏତେ ବଡ଼ ଏକ କ୍ରନ୍ଦନ ହେଉ, ପରମେଶ୍ୱରଙ୍କ ନିମନ୍ତେ ତୃଷା ହେଉ, ଯେପର୍ଯ୍ୟନ୍ତକି ଏଠାରେ ସମଗ୍ର ଦେଶ ସାରା ଏକ ଉଦ୍ଦୀପନା ଆସିଯିବ ଏବଂ ପ୍ରତ୍ୟେକ ମଣ୍ଡଳୀ ଲୋକମାନଙ୍କରେ ପରିପୂର୍ଣ୍ଣ ହୋଇଯିବ, ପାପୀମାନେ ପରମେଶ୍ୱରଙ୍କ ନିକଟରେ ଦୟା ପାଇବା ନିମନ୍ତେ କ୍ରନ୍ଦନ କରିବେ, ଆଉ—ଆଉ ପବିତ୍ରଆତ୍ମା ରୋଗୀମାନଙ୍କୁ ସୁସ୍ଥ କରିବେ, ଛୋଟାମାନଙ୍କୁ ଚାଲିବା ପାଇଁ ଦେବେ ଓ ମୃତମାନଙ୍କୁ ଉଠାଇବେ, ଏବଂ ଏହି ବିଷୟଗୁଡ଼ିକୁ ପ୍ରଦାନ କରିବେ ଯାହାକି ତୁମ ବାକ୍ୟରେ ପ୍ରତିଜ୍ଞା କରାଯାଇଅଛି।

3 ହେ ପ୍ରଭୁ ଯୀଶୁ, ଆସ, ଏବଂ ତୁମର ପ୍ରତିଜ୍ଞାକୁ ପୂରଣ କର। ଆଜିରାତ୍ରି ଆମ ପାଖକୁ ଆସ। ଆମେ ବିଶ୍ୱାସ କରୁ ଯେ ତୁମେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟ, ପୁଣି ତୁମର ପ୍ରତିଜ୍ଞାଗୁଡ଼ିକ ବିଫଳ ହୋଇପାରେ ନାହିଁ। ଉଭୟ ଆକାଶ ଓ ପୃଥିବୀ ବିଫଳ

ହୋଇଯିବ ମାତ୍ର ତୁମର ବାକ୍ୟ ବିଫଳ ହେବ ନାହିଁ । ଏପରି ହେଉ ଯେ ଆମର ବୁଝିବାର ଶକ୍ତି ଫିଟା ଯାଉ । ହେବାକୁ ଦିଅ ଯେ ପବିତ୍ରଆତ୍ମା ଆସନ୍ତୁ ଓ ହଳ ହୋଇଥିବା ଅବ୍ୟବହୃତ ଭୂମିକୁ ନିଅନ୍ତୁ । ଏପରି ହେଉ ଯେ ଆଜିରାତ୍ରି ପରମେଶ୍ୱରଙ୍କ ଆତ୍ମା ଏବଂ ଶକ୍ତି ପ୍ରତି ଆମର ବୁଝାମଣା ଫିଟା ହେଉ, ଯେପରିକି ସେ ଆମମାନଙ୍କ ଦ୍ୱାରା ତାହାଙ୍କର ପ୍ରତିଜ୍ଞାତ ବାକ୍ୟଗୁଡ଼ିକୁ ପ୍ରକାଶ କରନ୍ତି । କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

4 ତେବେ, ଆଜିରାତ୍ରି, ଆପଣ ଯେଉଁମାନେକି ମୂଳପାଠକୁ ଦେଖନ୍ତି, ଆସନ୍ତୁ ଆମେମାନେ ବାଇବଲକର ଦ୍ୱିତୀୟ ପିତର ପୁସ୍ତକକୁ ଖୋଲିବା, ଏବଂ 15ଶ ପଦରୁ ଆରମ୍ଭ କରିବା, କେବଳ ଅଳ୍ପ କିଛି ସମୟ ପାଇଁ ଶାସ୍ତ୍ର ଉପରେ କହିବାର ଏକ ଭାବ ନିମନ୍ତେ ।

*ଆଉ ମୋହର ମହାପ୍ରସ୍ଥାନ ଉତ୍ତାରେ ତୁମ୍ଭେମାନେ ଏହିସମସ୍ତ ବିଷୟ ଯେପରି ସର୍ବଦା ସ୍ମରଣରେ ଆଣି ପାରିବ ଏଥି ନିମନ୍ତେ ମୁଁ ଯତ୍ନ କରିବି ।*

*କାରଣ ଆମ୍ଭେମାନେ ଯେତେବେଳେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଶକ୍ତି, ଓ ଆଗମନ କଥା ତୁମ୍ଭମାନଙ୍କୁ ଜଣାଇଲୁ, ସେତେବେଳେ ଚତୁରତା ସହ କଳ୍ପିତ କୌଣସି କାହାଣୀ ଅବଲମ୍ବନ କରି ନ ଥିଲୁ, ମାତ୍ର ତାହାଙ୍କ ମହିମାର ଚାକ୍ଷୁଷ ସାକ୍ଷୀ ହୋଇଥିଲୁ ।*

5 ମୁଁ ତାହା ଭଲ ପାଏ, "ଚାକ୍ଷୁଷ ସାକ୍ଷୀ ।" କୌଣସି କାହାଣୀ ନୁହେଁ । ଆମେ ଯାହା ବିଷୟରେ କହୁଅଛୁ ତାହାର ସାକ୍ଷୀ ଅଟୁ ।

*ଯେଣୁ ଯେତେବେଳେ ମହା ଗୌରବ ମଧ୍ୟରୁ ତାହାଙ୍କ ପ୍ରତି ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ, ସେତେବେଳେ ସେ ପିତା ପରମେଶ୍ୱରଙ୍କଠାରୁ ସମ୍ଭ୍ରମ, ଓ ଗୌରବ ପ୍ରାପ୍ତ ହେଲେ ।*

*ଆମ୍ଭେମାନେ ତାହାଙ୍କ ସହିତ ପବିତ୍ର ପର୍ବତରେ ଥିବାବେଳେ, ନିଜେ ଆକାଶରୁ ନିର୍ଗତ ଏହି ବାଣୀ ଶୁଣିଲୁ ।*

*ଏଥିରେ ଭାବବାଣୀ ଆମ୍ଭମାନଙ୍କ ନିକଟରେ ଅଧିକ ଦୃଢ଼ ହୋଇଅଛି; ତୁମ୍ଭେମାନେ ତାହା ଅନ୍ଧକାରମୟ ସ୍ଥାନରେ ପ୍ରଜ୍ୱଳିତ ହେଉଥିବା, ପ୍ରଦୀପ ସଦୃଶ ମନେ କରି…ରାତି ପାହାନ୍ତା ନ ହେବା, ଓ ତୁମ୍ଭମାନଙ୍କ ହୃଦୟରେ ପ୍ରଭାତୀ ତାରା ଉଦିତ ନ ହେବା ପର୍ଯ୍ୟନ୍ତ, ତାହା ପ୍ରତି ମନୋଯୋଗ କଲେ ଭଲ ହେବ:*

*ପ୍ରଥମରେ ଏହା ଜ୍ଞାତ ହୁଅ ଯେ, ଶାସ୍ତ୍ରର କୌଣସି ଭାବବାଣୀ ସ୍ୱତନ୍ତ୍ର ଭାବରେ ବ୍ୟାଖ୍ୟା କରିବାର ବିଷୟ ନୁହେଁ ।*

*କାରଣ କୌଣସି ଭାବବାଣୀ କେବେହେଁ ମନୁଷ୍ୟର ଇଚ୍ଛାରୁ ଉତ୍ପନ୍ନ ହୋଇନାହିଁ: ମାତ୍ର ପରମେଶ୍ୱରପ୍ରେରିତ ମନୁଷ୍ୟମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ ।*

6 ପ୍ରଭୁ ତାହାଙ୍କ ବାକ୍ୟ ପଠନରେ ତାହାଙ୍କର ଆଶୀର୍ବାଦକୁ ଯୋଗ କରନ୍ତୁ । ବର୍ତ୍ତମାନ, ମୁଁ ଏହାକୁ ଏକ ବିଷୟ ପାଇଁ ନେବାକୁ ଯାଉଅଛି: *ପରମେଶ୍ୱର ଆପଣା ବ୍ୟାଖ୍ୟାତା ସ୍ୱୟଂ ଅଟନ୍ତି ।*

7 ଆମେମାନେ ଦ୍ୱନ୍ଦ୍ୱର ଏକ ଦିନରେ ରହୁଅଛୁ । ଆମେମାନେ ଏପରି ଏକ ଦିନରେ ବସବାସ କରୁଅଛୁ ଯେତେବେଳେକି ପୁରୁଷ ଏବଂ ମହିଳାମାନେ କ'ଣ କରିବେ ତାହା କଦାଚିତ୍ ହିଁ ଜାଣନ୍ତି । ସବୁକିଛି, ମନେ ହୁଏ ଏହା—ଏହା ଏକ ଅଶାନ୍ତ ଅବସ୍ଥାରେ ରହିଛି । ସମସ୍ତକିଛି, ଏପରି ମନେ ହୁଏ ଯେ ଦେଖିବାର ଅନେକ ଭିନ୍ନ ଭିନ୍ନ ଉପାୟମାନ ଅଛି । ତାହା କରିବାକୁ, ତାହା ଶୟତାନ ହିଁ ଅଟେ ।

8 ତେବେ, ପରମେଶ୍ୱର ସେପର୍ଯ୍ୟନ୍ତ ଜଣେ ଲୋକକୁ ଧାର୍ମିକ ଭାବରେ ବିଚାର କରିପାରିବେ ନାହିଁ, ସଠିକ୍ ଭାବରେ, ଯେପର୍ଯ୍ୟନ୍ତକି ସେ ସେମାନଙ୍କୁ ବିଚାର କରିବା ନିମନ୍ତେ ସେଠାରେ କିଛି ମାନଦଣ୍ଡ ନ ଥାଏ । ଆଉ ବାଇବଲ କହେ ଯେ ସେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ସମସ୍ତ ମନୁଷ୍ୟର ବିଚାର କରିବେ, ଏବଂ ଯୀଶୁ ଖ୍ରୀଷ୍ଟ ହେଉଛନ୍ତି ବାକ୍ୟ । ସାଧୁ ଯୋହନ, ତା'ର ପ୍ରଥମ ଅଧ୍ୟାୟ, ଏହା କହେ:

> *ଆଦ୍ୟରେ ବାକ୍ୟ ଥିଲେ, ଏବଂ ବାକ୍ୟ ପରମେଶ୍ୱରଙ୍କ ସଙ୍ଗରେ ଥିଲେ, ଏବଂ ସେହି ବାକ୍ୟ ପରମେଶ୍ୱର ଥିଲେ ।*
>
> *ସେହି ବାକ୍ୟ ଦେହବନ୍ତ ହେଲେ, ଓ ଆମମାନଙ୍କ ମଧ୍ୟରେ ବାସ କଲେ,...*

9 ତେବେ, ଆଜି ଆମେ ଯାହା ଅଛୁ ଏହା ତାହାଙ୍କର ଗୁଣସକଳର ହିଁ ପ୍ରଦର୍ଶନ ଅଟେ । ପରମେଶ୍ୱରଙ୍କଠାରେ...ପ୍ରଥମେ ତ ସେ ପରମେଶ୍ୱର ହିଁ ନ ଥିଲେ, ପରମେଶ୍ୱର, ଆମେମାନେ କେବଳ ତାହାଙ୍କୁ ଡାକିବା "ସେହି ଅନନ୍ତ ଜଣେ ।" ସେ ପରମେଶ୍ୱର ନ ଥିଲେ, କାରଣ ସେହି ଶବ୍ଦ (ଇଂରାଜୀ ଶବ୍ଦ) *ପରମେଶ୍ୱର*ର ଅର୍ଥ ହେଉଛି "ଉପାସ୍ୟ ବସ୍ତୁ" ଆଉ ତାହାଙ୍କର ଉପାସନା କରିବା ନିମନ୍ତେ କିଛି ହିଁ ନ ଥିଲା । ଏଣୁ ସେ ସେହି ଅନନ୍ତ ଜଣକ ଥିଲେ, ସମସ୍ତ ବୁଦ୍ଧିମତ୍ତାର ସେହି—ସେହି ମୂଖ୍ୟ ସ୍ରୋତ । ଏବଂ ସମସ୍ତ ବୁଦ୍ଧିମତ୍ତାର ଏହି ସ୍ରୋତରେ କୌଣସି ଗୋଟିଏ ପରମାଣୁ, ଅଣୁ, କିମ୍ବା କିଛି ନ ଥିଲା, କେଉଁଠାରେ ହେଲେ ପ୍ରକାଶ ନ ଥିଲା, ତାରା, ଚନ୍ଦ୍ର, ଅନ୍ୟ କିଛି ହିଁ ନ ଥିଲା । ପରମେଶ୍ୱର, ଯାହାଙ୍କୁ ଆମେ ପରମେଶ୍ୱର ଭାବରେ ଜାଣୁ, ସେହି ମହାନ୍ ଆତ୍ମା ଯିଏକି ଅନନ୍ତ ଥିଲେ (କେବେ ଆରମ୍ଭ ହୋଇ ନ ଥିଲେ, କେବେ ଶେଷ ହୋଇ ନ ଥିଲେ), ସେ ସେଠାରେ ଥିଲେ । ଏବଂ ତାହାଙ୍କଠାରେ ଗୁଣସକଳ ରହିଥିଲା: ତାହା ପରମେଶ୍ୱର ହେବାର ଗୁଣସକଳ ଥିଲା, ତା'ପରେ ଏକ ପିତା ହେବାର ତାହାଙ୍କର ଗୁଣସକଳ, ଏକ ପୁତ୍ର ହେବାର ଗୁଣସକଳ, ଏକ ତ୍ରାଣକର୍ତ୍ତା ହେବାର ଗୁଣସକଳ, ଏକ ଆରୋଗ୍ୟକାରୀ ହେବାର ଗୁଣସକଳ ଥିଲା । ଏହି ସମସ୍ତ ଗୁଣସକଳ ତାହାଙ୍କଠାରେ ଥିଲା । ଆଉ ବର୍ତ୍ତମାନ ସେ...ଏହି ବିଷୟଗୁଡ଼ିକ ଯାହାକି ସେହି ସମୟଠାରୁ ଉନ୍ମୋଚିତ ହୋଇଅଛି ତାହା କେବଳ ତାହାଙ୍କର ଗୁଣସକଳ ଅଟେ ଯାହାକି ପ୍ରକାଶିତ ହୋଇଅଛି ।

10 ମୋ'ର କହିବାର ଅର୍ଥ, *ଗୁଣସକଳ* ତାହାଙ୍କର "ବିଚାରଗୁଡ଼ିକ" ଥିଲା। ଆଉ ଗୋଟିଏ—ଗୋଟିଏ *ବାକ୍ୟ* ହେଉଛି "ଏକ ବିଚାର ପ୍ରକାଶ ପାଇବା।" ପୁଣି ତେବେ ତାହା ତାଙ୍କର ବିଚାରରେ ଥିଲା। ଆଉ ଯେତେବେଳେ ସେ କହିଲେ, "ତାହା ହୋଇଯାଉ," ଆଉ ତାହା ସେଠାରେ ହୋଇଗଲା। "ତାହା ହୋଇଯାଉ," ଆଉ ତାହା ସେଠାରେ ହୋଇଗଲା।

11 ଆଉ ବର୍ତ୍ତମାନ, ମନେରଖନ୍ତୁ, ଆପଣ ଖ୍ରୀଷ୍ଟିଆନମାନେ ଜଗତ ଆରମ୍ଭ ହେବା ପୂର୍ବରୁ ତାହାଙ୍କର ବିଚାରରେ ଥିଲେ। ଆଉ ଆପଣମାନେ ତାହାଙ୍କର ବିଚାରର ପ୍ରକଟୀକରଣ ଅଟନ୍ତି। ଏପରିକି ଏକ ଜଗତ ଆରମ୍ଭ ହେବା ପୂର୍ବରୁ, ଆପଣମାନେ ଖ୍ରୀଷ୍ଟଙ୍କଠାରେ ଥିଲେ, (ଆମେନ୍) ପରମେଶ୍ୱରଙ୍କଠାରେ ଆରମ୍ଭରେ ଥିଲେ। ତେବେ, ଆପଣମାନେ ଦେଖନ୍ତୁ, ତାହା ଆପଣମାନଙ୍କୁ, ତାହାଙ୍କର ବିଷୟବସ୍ତୁ କରିଦିଏ। ଏବଂ ସମଗ୍ର ବିଷୟଟି ଏହା ଯେ ପରମେଶ୍ୱର, ସ୍ୱୟଂ, ଆପଣାକୁ ଇନ୍ଦ୍ରିୟଗୋଚର ବସ୍ତୁ ଭାବେ ପ୍ରକଟିତ କରୁଅଛନ୍ତି ଯେପରିକି ତାହାଙ୍କୁ ହସ୍ତ ଦ୍ୱାରା ସ୍ପର୍ଶ କରାଯାଇପାରେ, ଦେଖାଯାଇପାରେ, ଏବଂ—ଏବଂ ପ୍ରଭୃତି ସବୁ କରାଯାଇପାରେ। ଏବଂ ତାହା ହିଁ ଅଟେ ଯାହାକି ପରମେଶ୍ୱର ଅଟନ୍ତି, ତାହା ହିଁ ସେହି ସମଗ୍ର ବିଷୟ ଅଟେ।

12 ତେବେ ଲୋକମାନେ କୁହନ୍ତି, "ସେହି ବ୍ୟାଖ୍ୟା…" ମୁଁ ଏଠାରେ କିଛି ଦିନ ପୂର୍ବରୁ ଏକ ସଭାରେ କହୁଥିଲି, ଜଣେ ବ୍ୟକ୍ତି ମୋତେ କହିଲେ, ସେ କହିଲେ, "ଭାଇ ବ୍ରାନ୍‌ହାମ୍, ଆପଣଙ୍କଠାରେ ଭୁଲ୍ ବ୍ୟାଖ୍ୟା ଅଛି। ଆପଣ ତାହାର ସଠିକ୍ ବ୍ୟାଖ୍ୟା କରନ୍ତି ନାହିଁ।"

13 ତେବେ, ଆମେ ଶୁଣୁ…ସେମାନେ ମେଥୋଡିଷ୍ଟ ପାଖକୁ ଯାଆନ୍ତି, ଏବଂ ସେମାନେ କୁହନ୍ତି "ବାପ୍‌ଟିଷ୍ଟ ସଠିକ୍ ବ୍ୟାଖ୍ୟା କରନ୍ତି ନାହିଁ।" ବାପ୍‌ଟିଷ୍ଟ କୁହନ୍ତି, "ପେଣ୍ଟିକଷ୍ଟାଲମାନେ କରନ୍ତି ନାହିଁ।" ପେଣ୍ଟିକଷ୍ଟାଲ୍ କହେ ଯେ "ସେହି —ସେହି ୱାନ୍‌ନେସ୍‌ମାନେ କରନ୍ତି ନାହିଁ।" ୱାନ୍‌ନେସ୍ କୁହନ୍ତି, "ଆସେମ୍ବଲିଜମାନେ କରନ୍ତି ନାହିଁ।" ଏବଂ ପ୍ରତ୍ୟେକ ଜଣ ଏହା କୁହନ୍ତି ଯେ ଅନ୍ୟ ଜଣକ ତାହା କରେ ନାହିଁ।

14 ପରମେଶ୍ୱର ଆପଣା ବ୍ୟାଖ୍ୟାତା ସ୍ୱୟଂ ଅଟନ୍ତି! ତାହାଙ୍କ ନିମନ୍ତେ ବ୍ୟାଖ୍ୟା କରିବାକୁ ସେ କାହାରିକୁ ଆବଶ୍ୟକ କରନ୍ତି ନାହିଁ। ସେ ତାହାଙ୍କର ବ୍ୟାଖ୍ୟା ନିଜେ କରନ୍ତି। ମନୁଷ୍ୟ କିଏ ଯେ ସେ ପରମେଶ୍ୱରଙ୍କୁ ବ୍ୟାଖ୍ୟା କରିପାରେ? ପରମେଶ୍ୱର ଆପଣା ବ୍ୟାଖ୍ୟାତା ସ୍ୱୟଂ ଅଟନ୍ତି।

15 ତେବେ, ପିତର ଏଠାରେ କହୁଛନ୍ତି, ଆମେମାନେ ପାଉ ଯେ ଆରମ୍ଭରେ ଯେତେବେଳେ ପରମେଶ୍ୱର ଏହା କହିଲେ, "ଦୀପ୍ତି ହୋଇଯାଉ," ଏବଂ ସେଠାରେ ଦୀପ୍ତି ହେଲା, ତାହାହିଁ ହେଉଛି ଏହାର ବ୍ୟାଖ୍ୟା। ଯେତେବେଳେ ପରମେଶ୍ୱର କିଛି କହିଲେ ଏବଂ ତାହା ପ୍ରକଟିତ ହେଲା, ସେତେବେଳେ ତାହାହିଁ ପରମେଶ୍ୱରଙ୍କ ବ୍ୟାଖ୍ୟା ଅଟେ ଯେ ତାହାଙ୍କର ବାକ୍ୟ ଠିକ୍ ଅଟେ। ବୁଝିଲେ? ଯେତେବେଳେ ସେ କହିଲେ, "ଦୀପ୍ତି ହେଉ," ସେତେବେଳେ ତାହା ପ୍ରଥମେ ତାହାଙ୍କର ବିଚାରରେ ଥିଲା ଏହା ପୂର୍ବେକି ସେଠାରେ ଦୀପ୍ତି ବୋଲି କିଛି ଏକ ବିଷୟ ରହିଥା'ନ୍ତା। ଯେତେବେଳେ ସେ କହିଲେ, "ଦୀପ୍ତି ହେଉ," ଆକାଶରେ ଦୀପ୍ତି ଝଟକି ଗଲା,

ତାହାହିଁ ସେହି ବ୍ୟାଖ୍ୟା ଅଟେ । କାହାରିକୁ ତାହାର ବ୍ୟାଖ୍ୟା କରିବାକୁ ପଡ଼ିଲା ନାହିଁ, କାରଣ ପରମେଶ୍ୱର ତାହା କହିଥିଲେ ଏବଂ ତାହା ସେଠାରେ ହେଲା । ଯେତେବେଳେ ପରମେଶ୍ୱର କୁହନ୍ତି ଆଉ ତାହା ପ୍ରକଟିତ ହୁଏ, ତେବେ ତାହାହିଁ ତାହାଙ୍କର ବାକ୍ୟର ବ୍ୟାଖ୍ୟା ଅଟେ । ମନୁଷ୍ୟମାନେ ତାହା କାହିଁକି ଦେଖିପାରନ୍ତି ନାହିଁ? ଲୋକମାନେ ତାହା କାହିଁକି ଦେଖନ୍ତି ନାହିଁ?

16 ଯେତେବେଳେ ପରମେଶ୍ୱର ଏକ ପ୍ରତିଜ୍ଞା କରନ୍ତି ଏବଂ ପରମେଶ୍ୱର କୁହନ୍ତି... ଆଦ୍ୟରେ—ରେ, ଆଦିପୁସ୍ତକରେ, ପ୍ରତ୍ୟେକ ଯୁଗ ନିମନ୍ତେ ସେ ଆପଣାର ବାକ୍ୟକୁ ନିରୂପଣ କଲେ ଯେପରିକି ତାହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆସିଲା । ଏବଂ, ଏହି ଯୁଗଗୁଡ଼ିକ ଦେଇ, ମଣ୍ଡଳୀ ଜଗତ ଏହି ସମସ୍ତ ବିଷୟକୁ ପରମ୍ପରାଗୁଡ଼ିକ ଦ୍ୱାରା, ଓ ପ୍ରଭୃତି ଦ୍ୱାରା, ଏସବୁକୁ ମିଶ୍ରିତ କରି ପକାଇଥିଲା, ଆଉ ପରମେଶ୍ୱର ସଦାସର୍ବଦା, ପୁରାତନ ନିୟମ ଏବଂ ନୂତନରେ ଦୃଶ୍ୟକୁ, ଭବିଷ୍ୟଦ୍‌ବକ୍ତାମାନଙ୍କୁ ପ୍ରେରଣ କରିଅଛନ୍ତି! ପୁଣି ସଦାପ୍ରଭୁଙ୍କ ବାକ୍ୟ ଭବିଷ୍ୟଦ୍‌ବକ୍ତାଙ୍କ ପାଖକୁ ଆସେ । ଏବଂ ଏହା ତାହାକୁ କିପରି ସାଧନ କରେ? ଏହା ପରମେଶ୍ୱରଙ୍କ ବାକ୍ୟକୁ ପ୍ରକଟିତ କରେ । ପରମେଶ୍ୱରଙ୍କ ପ୍ରକଟୀକରଣ, ଯାହାକି ଏହା କହେ ଯେ ତାହା ଠିକ୍ କି ଭୁଲ୍ ଅଟେ । କାହାରିକୁ ତାହାର ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ, ସେହି ବାକ୍ୟ ସ୍ୱୟଂ ନିଜର ବ୍ୟାଖ୍ୟା କରେ । ପରମେଶ୍ୱର ତାହାର ପ୍ରତିଜ୍ଞା କରିଥିଲେ ଏବଂ ତାହା ସେଠାରେ ଘଟିଥାଏ!

17 ତାହା ବିଷୟରେ ଆଉ ଅନ୍ୟ କିଛି କହିବା କି ଲାଭ ହୁଏ? ସେହି ପାପୀ ମନୁଷ୍ୟ କିଏ ଯେ ତାହା କହିବାକୁ ଚେଷ୍ଟା କରିବ (ଯେତେବେଳେକି ପରମେଶ୍ୱର ଏକ ପ୍ରତିଜ୍ଞା କରିଛନ୍ତି ଏବଂ ପରମେଶ୍ୱର ତାହା କରନ୍ତି) ଯେ ସେହି ବ୍ୟାଖ୍ୟା ଭୁଲ୍ ଅଟେ? ତାହା ତ ପରମେଶ୍ୱର ନିଜେ ସ୍ୱୟଂ ଅଟନ୍ତି ଯିଏକି ନିଜର ବ୍ୟାଖ୍ୟା କରୁଛନ୍ତି, ବ୍ୟାଖ୍ୟା କରୁଥା'ନ୍ତି । ତାହାଙ୍କୁ ବ୍ୟାଖ୍ୟା କରିବା ପାଇଁ ତାହାଙ୍କର କାହାରିକୁ ଆବଶ୍ୟକତା ନାହିଁ, ସେ ଯାହା କରିବେ ବୋଲି ପ୍ରତିଜ୍ଞା କରିଥିଲେ ତାହା ପ୍ରକଟ କରିବା ଦ୍ୱାରା ସେ ଆପଣାକୁ ବ୍ୟାଖ୍ୟା କରନ୍ତି ।

18 ଓଃ, ମଣ୍ଡଳୀ ଯଦି ତାହା କେବଳ ଦେଖିପାରନ୍ତି ଓ ସେହି ପ୍ରତିଜ୍ଞାଗୁଡ଼ିକୁ ଦେଖିପାରନ୍ତି ଯାହାକି ପ୍ରତ୍ୟେକ ଯୁଗ ନିମନ୍ତେ ନିରୂପଣ କରାଯାଇଛି! ଅନ୍ୟ ସମସ୍ତ ଯୁଗମାନ, ପରମେଶ୍ୱର ଦୃଶ୍ୟକୁ ପଠାଇଛନ୍ତି (ଏପରିକି ସପ୍ତ ମଣ୍ଡଳୀ ଯୁଗମାନ ଦେଇ ସୁଦ୍ଧା) ଓ ସମସ୍ତକିଛି ପ୍ରକଟିତ କରିଛନ୍ତି ଯାହା ସେ କରିବା ପାଇଁ ପ୍ରତିଜ୍ଞା କରିଥିଲେ । ସମସ୍ତକିଛି, ଏପରି ଗୋଟିଏ ହେଲେ ବିଷୟ ନାହିଁ ଯାହାକି ସଫଳ ହୋଇନାହିଁ । ଅବିକଳ ଭାବେ! ସେ ଯାହା କରିବେ ବୋଲି କହିଥିଲେ, ତାହା ସେ କଲେ ।

19 କାରଣ ଯେତେବେଳେ ପରମେଶ୍ୱର କହିଲେ, ସେଠାରେ ପଛରେ ଯିଶାଇୟରେ, ସେ କହିଲେ, "ଜଣେ କୁମାରୀ ଗର୍ଭବତୀ ହେବ," ଆଉ ସେ ତାହା ହେଲେ । ତେବେ, କିଏ—କିଏ ତାହାକୁ ବ୍ୟାଖ୍ୟା କରିପାରିବ? ପରମେଶ୍ୱର ତାହାର ବ୍ୟାଖ୍ୟା କଲେ । ସେ କହିଲେ, "ଜଣେ କୁମାରୀ ଗର୍ଭବତୀ ହେବ," ଆଉ ସେ ଗର୍ଭବତୀ ହେଲେ । ତେବେ, ଆପଣ

କ'ଣ...ଆପଣ କରିପାରନ୍ତି ନାହିଁ...ତାହା ବିଷୟରେ କିଛି ହେଲେ କୁହା ଯାଇପାରେ ନାହିଁ, କାରଣ ପରମେଶ୍ୱର କହିଥିଲେ ଯେ ସେ କରିବେ ଏବଂ ସେ ତାହା କଲେ। ମାତ୍ର ସେତେବେଳେ ଏହାକୁ ଦେଖିବା ପାଇଁ ମଣ୍ଡଳୀ ଅତ୍ୟଧିକ ଅନ୍ଧ ଥିଲା। ଦେଖନ୍ତୁ, ତାହା ବିଷୟରେ ସେମାନଙ୍କର ନିଜ ନିଜର ଧାରଣା ରହିଥିଲା। ଏହା ତ ତାହାଠାରୁ ବହୁତ—ବହୁତ ଅଧିକ ଭିନ୍ନ ଥିଲା ଯାହା ସେମାନେ ଆଶା କରୁଥିଲେ।

20 ପିତର ଏଠାରେ ସେହି ବିଷୟକୁ ଉଦ୍ଧୃତ କରୁଥିଲେ, ସେ କହିଲେ, "ପରମେଶ୍ୱର ଖ୍ରୀଷ୍ଟଙ୍କୁ ତାହାଙ୍କର ବାକ୍ୟ ଦ୍ୱାରା ପ୍ରକାଶ କଲେ, ସେ କହିଲେ, 'ଏ ଆମ୍ଭର ପ୍ରିୟ ପୁତ୍ର।'" ଏହି ବିଶ୍ୱାସୀମାନେ ସେଠାରେ ଛିଡ଼ା ହୋଇଥିଲେ। ଆଉ ଖ୍ରୀଷ୍ଟ ପରମେଶ୍ୱରଙ୍କ ପ୍ରକଟୀକରଣ ଥିଲେ। ସେ ସର୍ବଦା ଖ୍ରୀଷ୍ଟଙ୍କୁ ତାହାଙ୍କର ବାକ୍ୟ ଦ୍ୱାରା ପ୍ରକାଶ କରିଥିଲେ, କାରଣ ଖ୍ରୀଷ୍ଟ ହେଉଛନ୍ତି ବାକ୍ୟ। ସେ ସର୍ବଦା ପ୍ରକାଶ କରିଥା'ନ୍ତି।

21 ଯେତେବେଳେ ସେ କହିଲେ...ନୋହଙ୍କ ସମୟରେ, ଖ୍ରୀଷ୍ଟ ନୋହଙ୍କଠାରେ ଥିଲେ। କ'ଣ ଆପଣ ଏହା ବିଶ୍ୱାସ କରନ୍ତି କି? ନୋହ କହିଲେ, "ବର୍ଷା ହେବାକୁ ଯାଉଛି। ବର୍ଷା ହେବ, ପୃଥିବୀ ଧ୍ୱଂସ ହୋଇଯିବ।" ବର୍ଷା ହେଲା। ତାହା କୌଣସି ବ୍ୟାଖ୍ୟାର ଆବଶ୍ୟକ କଲା ନାହିଁ। ତାହା ବର୍ଷା ହେଲା କାରଣ ପରମେଶ୍ୱର, ନୋହ ଭିତରେ ଥାଇ, କହିଥିଲେ, "ବର୍ଷା ହେବାକୁ ଯାଉଛି।" ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଏବଂ ତାହାର ପ୍ରମାଣ ହେଲା ଯେ ସେ ଯାହା କହିଥିଲେ ତାହା ପୂରଣ ହେଲା। ଏଣୁ ସେମାନଙ୍କୁ ତାହାର ବ୍ୟାଖ୍ୟା କରିବାର କୌଣସି ଆବଶ୍ୟକତା ନାହିଁ।

22 ସେମାନଙ୍କ ମଧ୍ୟରୁ କେତେକ, ହୁଏତ, ଆଖପାଖରେ କହିଲେ, "ଏହି ବ୍ୟକ୍ତି କ'ଣ କହୁଛି ସେ ତାହା ଜାଣେ ନାହିଁ।"

23 ମାତ୍ର ପରମେଶ୍ୱର ସର୍ବଦା ପ୍ରତିଜ୍ଞା କରିଥିଲେ, "ଯଦି ତୁମ ମଧ୍ୟରେ କେହି ଜଣେ ଆତ୍ମିକ, କିମ୍ବା ଭାବବାଦୀ ଅଛନ୍ତି, ଆଉ ଯାହା ସେ କହନ୍ତି ତାହା ସଫଳ ହୁଏ, ତେବେ ତାହାର ଶୁଣ।" ତାହା ଠିକ୍ ଅଟେ, କାରଣ ଏହା ସତ୍ୟ। ଏହାକୁ ତ ନିଶ୍ଚିତରେ ବାକ୍ୟ ଅନୁଯାୟୀ ହେବା ଉଚିତ୍। ଆଉ ନୋହ ବାକ୍ୟ ଅନୁଯାୟୀ ଥିଲେ। ଯେତେବେଳେ ସେ ଭବିଷ୍ୟତ୍‌ବାଣୀ କଲେ ଯେ ବର୍ଷା ହେବାକୁ ଯାଉଛି, ଆଉ ସେତେବେଳେ ତାହା ବର୍ଷା ହେଲା। ତାହା ପାଇଁ କୌଣସି ବ୍ୟାଖ୍ୟାର ଆବଶ୍ୟକତା ହେଲା ନାହିଁ, କାରଣ ତାହା ତ ଠିକ୍ ସେହିପରି ହେଲା।

24 ଯିଶାଇୟ କହିଲେ, "ଜଣେ କୁମାରୀ ଗର୍ଭବତୀ ହେବ," ଆଉ ସେ ତାହା ହେଲେ। ତେବେ, ତାହା ଅତ୍ୟନ୍ତ ଅସାଧାରଣ ଥିଲା। କାରଣ, ଦେଖନ୍ତୁ, ଏହା ତ ତାହାର ଶହ ଶହ ବର୍ଷ ପୂର୍ବରୁ ଥିଲା ଯେ ଏହି କୁମାରୀ ଗର୍ଭବତୀ ହୁଅନ୍ତେ।

25 ତାହା ତ ଏତେ ଅସାଧାରଣ ଥିଲା ଯେ ଏପରିକି ଯୋଷେଫ ନାମକ ଜଣେ ଉତ୍ତମ ପୁରୁଷ, ଯିଏକି ତାଙ୍କର ସ୍ୱାମୀ ଥିଲେ, "ଜଣେ ଧାର୍ମିକ ବ୍ୟକ୍ତି ହୋଇଥିବାରୁ ଏବଂ ତାଙ୍କୁ ପ୍ରକାଶରେ ନିନ୍ଦାର ପାତ୍ର କରିବାକୁ ଇଚ୍ଛା ନ କରିବାରୁ..." ସେହି ଉତ୍ତମ ପୁରୁଷ ସେହି ଦିନମାନଙ୍କରେ,

ତାହା ଯୋଷେଫଙ୍କ ସହିତରେ କିପରି ହୋଇଥିବ ଯେତେବେଳେକି ସେ ମରିୟମଙ୍କ ସହିତ ବିବାହନିର୍ବନ୍ଧରେ, ବନ୍ଧନରେ ଆବଦ୍ଧ ହୋଇଥିଲେ ।

26 ମରିୟମଙ୍କ ବିବାହନିର୍ବନ୍ଧ ହୋଇଥିଲା । ସେହି ଦିନରେ, ତାହାକୁ ଭାଙ୍ଗିବା, ତାହା ବ୍ୟଭିଚାର କରିବା ସହିତ ସମାନ ଥିଲା । ଆଉ, ଅବଶ୍ୟ, ଯୋଷେଫଙ୍କ ପାଇଁ, ଏପରି ମନେ ହେଉଥିଲା ଯେ ମରିୟମ ତାଙ୍କୁ ଅବରୋଧ ସ୍ୱରୂପରେ ବ୍ୟବହାର କରିବାକୁ ଚେଷ୍ଟା କରୁଥିଲେ, କିଅବା ନିଜର ଭୁଲ୍ ପାଇଁ ତାଙ୍କୁ ଏକ ଢାଲ ସ୍ୱରୂପ କରୁଥିଲେ, 'କାରଣ ଏଠାରେ ସେ ବିବାହିତ ନ ହୋଇ, କେବଳ ବିବାହନିର୍ବନ୍ଧ ହୋଇ, ଜଣେ ମାତା ହେବେ ବୋଲି ଜଣା ପଡ଼ିଥିଲା । ସେହିପରି ଏକ କୌଶଳକୁ, ପଥରରେ ମାରି ଦିଆ ଯାଉଥିଲା; ତାହା ତ ବ୍ୟବସ୍ଥା ଅନୁଯାୟୀ, ସେହିପରି ହେବାକୁ ଥିଲା ।

27 ଆଉ ଯୋଷେଫ, ତାଙ୍କ ସ୍ୱାମୀ, ଜଣେ ଧାର୍ମିକ ଲୋକ ଥିଲେ, ଜଣେ ଅତ୍ୟନ୍ତ ଧାର୍ମିକ ଲୋକ ଥିଲେ । ସେ ପରମେଶ୍ୱରଙ୍କୁ ବିଶ୍ୱାସ କରୁଥିଲେ । ଏବଂ ଯେତେବେଳେ ମରିୟମ୍ ସେହି ସୁନ୍ଦର, ବଡ଼ ବଡ଼ କୋମଳ ଆଖିରେ ତାଙ୍କୁ ଦେଖିଲେ, ଓ କହିଲେ, "ଯୋଷେଫ, ସେହି ପ୍ରଧାନଦୂତ ଗାବ୍ରିଏଲ୍ ମୋତେ ଦର୍ଶନ ଦେଲେ ଓ ମୋତେ କହିଲେ ଯେ ମୁଁ ଗର୍ଭବତୀ ହେବାକୁ ଯାଉଛି, ବିନା କୌଣସି ପୁରୁଷଙ୍କୁ ନ ଜାଣି ।"

28 ତେବେ, ଯଦି ଯୋଷେଫ କେବଳ ପଛରେ ଶାସ୍ତ୍ରକୁ ଅନାଇଥା'ନ୍ତେ, ଯେ ଭବିଷ୍ୟଦ୍‌ବକ୍ତା କହିଥିଲେ ସେ ତାହା କରିବେ! ଏହା ତ ପରମେଶ୍ୱର କେବଳ ତାହାଙ୍କର ନିଜ ବାକ୍ୟକୁ ବ୍ୟାଖ୍ୟା କରୁଥିଲେ! ବୁଝିଲେ? ମାତ୍ର ତାହା ଅତ୍ୟନ୍ତ ଅସାଧାରଣ ଥିଲା ।

29 ତାହାହିଁ ତ ମାମଲା ଯେକୌଣସି ଯୁଗରେ ଅଟେ । ପରମେଶ୍ୱରଙ୍କ ବାକ୍ୟ ଲୋକମାନଙ୍କ ପାଇଁ ଅଜଣା ଅଟେ; ଏହା ଅତ୍ୟନ୍ତ ଅସାଧାରଣ ଅଟେ । ପରମେଶ୍ୱର ସର୍ବଦା ଅସାଧାରଣ କାର୍ଯ୍ୟ ହିଁ କରନ୍ତି । ଏହା ତ ପରମେଶ୍ୱର ଯେଉଁଠାରେ ବି ରହନ୍ତି ଅସାଧାରଣ ଅଟନ୍ତି । ଏହା ତ ଜଗତର ବ୍ୟବସ୍ଥାର ବିରୁଦ୍ଧରେ ଅଟେ, କାରଣ ସେମାନେ ବିଷୟଗୁଡ଼ିକୁ ସେହିପରି ଭାବରେ ରଖିଛନ୍ତି ଯେପରି ସେମାନେ ଭାବନ୍ତି ଯେ ତାହା ରହିବା ଉଚିତ୍ । ମାତ୍ର ପରମେଶ୍ୱର ଆସନ୍ତି ଏବଂ ଅସାଧାରଣକୁ କରନ୍ତି ।

30 "ଏହି କୁମାରୀ କିପରି ଭାବରେ ଗର୍ଭଧାରଣ କରିପାରେ?" ସେ ନିଷ୍ଠାବାନ ଥିଲେ, ସେ ଏହା ବିଷୟରେ ପରମେଶ୍ୱରଙ୍କୁ ଅନ୍ୱେଷଣ କଲେ ।

31 ଆଉ ତା'ପରେ ପରମେଶ୍ୱର ତାଙ୍କୁ ଏକ ସ୍ୱପ୍ନରେ କଥାବାର୍ତ୍ତା ହେଲେ, ଏବଂ କହିଲେ, "ହେ ଦାଉଦଙ୍କ ସନ୍ତାନ, ଯୋଷେଫ, ତୁମ୍ଭର ଭାର୍ଯ୍ୟା ମରିୟମଙ୍କୁ ଗ୍ରହଣ କରିବାକୁ ଭୟ କର ନାହିଁ, କାରଣ ତାଙ୍କର ଗର୍ଭ ପବିତ୍ରଆତ୍ମାଙ୍କ କର୍ତ୍ତୃକ ହୋଇଅଛି । ପରମେଶ୍ୱର ତାଙ୍କୁ ଆବୋରିଛନ୍ତି । ଏହା ହିଁ ଅଟେ ଯାହାକି ତାହା କରିଅଛି ।"

32 କ'ଣ ଆପଣମାନେ କେବେ ଧ୍ୟାନ ଦେଲେ କି ଯେ ପରମେଶ୍ୱର ସେଠାରେ ଯୋଷେଫଙ୍କ ସହିତ କିପରି ବ୍ୟବହାର କରିଥିଲେ? ଏକ ମାଧ୍ୟମିକ ଧରଣରେ, ସ୍ୱପ୍ନ

ଜରିଆରେ। ତେବେ, ଆମେମାନେ ଜାଣୁ ଯେ ସ୍ୱପ୍ନମାନ ଅଛି, ଆମେ ସ୍ୱପ୍ନମାନରେ ବିଶ୍ୱାସ କରୁ। ମୁଁ ସ୍ୱପ୍ନମାନରେ ବିଶ୍ୱାସ କରେ। ହଁଏ...ପରମେଶ୍ୱର ସଦାବେଳେ ସ୍ୱପ୍ନରେ ଲୋକମାନଙ୍କ ସହିତ ବ୍ୟବହାର କରିଥା'ନ୍ତି। ମାତ୍ର ସ୍ୱପ୍ନମାନ ମାଧ୍ୟମିକ ଅଟେ, ଦେଖନ୍ତୁ, ଯେପର୍ଯ୍ୟନ୍ତ ଏହାର ବ୍ୟାଖ୍ୟା ନ ହୁଏ ତାହା ଠିକ୍ କିମ୍ବା ଭୁଲ୍ ହୋଇପାରେ। ମାତ୍ର ସେ କୌଣସି ବ୍ୟାଖ୍ୟା ଆବଶ୍ୟକ କଲେ ନାହିଁ। ଏହା ତ ପରମେଶ୍ୱର ନିଜେ ଯୋଷେଫଙ୍କ ସହିତ କଥାବାର୍ତ୍ତା କରିଥିଲେ, କାରଣ ସେହି ଦିନମାନଙ୍କରେ ସେଠାରେ ଦେଶରେ ବ୍ୟାଖ୍ୟା କରିବା ନିମନ୍ତେ ଜଣେ ଭବିଷ୍ୟଦ୍‌ବକ୍ତା ନ ଥିଲେ। ସେଠାରେ ଚାରି ଶହ ବର୍ଷ ହୋଇଯାଇଥିଲା କୌଣସି ଭବିଷ୍ୟଦ୍‌ବକ୍ତା ନ ଥିଲେ। ଏଣୁ ପରବର୍ତ୍ତୀ ସର୍ବୋତ୍ତମ ବିଷୟ, ଯେ ପରମେଶ୍ୱର ତାହାଙ୍କର ନିଜ ପୁତ୍ରର କଲ୍ୟାଣ ନିମନ୍ତେ, ଭଲ ନିମନ୍ତେ ଯତ୍ନ କଲେ, ଯେ ଯୋଷେଫଙ୍କ ସହିତ ଏକ ସ୍ୱପ୍ନରେ ଏବଂ ବିନା କୌଣସି ବ୍ୟାଖ୍ୟାରେ କଥା ହେଲେ। ସେ କହିଲେ "ସେହି ସ୍ତ୍ରୀଲୋକଟି ଠିକ୍ ଅଟେ। ତାଙ୍କ ଗର୍ଭରେ ରହିଥିବା ସେହି ପବିତ୍ର ବିଷୟ ହେଉଛନ୍ତି ପରମେଶ୍ୱରଙ୍କ ପୁତ୍ର।" କୌଣସି ବ୍ୟାଖ୍ୟା ଆବଶ୍ୟକ କଲେ ନାହିଁ।

33 ସଚ୍ଚୋଟ, ନିଷ୍ପାପର ହୃଦୟଗୁଡ଼ିକ ସହିତ ପରମେଶ୍ୱର ନିଜର ବ୍ୟାଖ୍ୟାକୁ ସ୍ୱୟଂ କରନ୍ତି। ପୁରୁଷ ଏବଂ ମହିଳାମାନେ ଯେଉଁମାନେକି ସେହି—ସେହି ବିଷୟକୁ ଅନାନ୍ତି ଯାହାକି ରହସ୍ୟମୟ ଅଟେ, ଯଦି ଆପଣମାନେ ସଚ୍ଚୋଟ ଏବଂ ନିଷ୍ପାପର ରହିବେ ଓ ବିଶ୍ୱାସ କରିବେ, ତାହାହେଲେ ପରମେଶ୍ୱରଙ୍କଠାରେ ଏହାକୁ ତୁମ ପାଇଁ ବ୍ୟାଖ୍ୟା କରିବାର ଏକ ଉପାୟ ଅଛି। ପ୍ରଥମେ, ଏହା ଖୋଜନ୍ତୁ ଯେ ତାହା ଏକ ପ୍ରତିଜ୍ଞା କି ନୁହେଁ। ଯଦି ଯୋଷେଫ କେବଳ ପଛକୁ ଯାଇଥା'ନ୍ତେ ଏବଂ ପରମ୍ପରାଗୁଡ଼ିକଠାରୁ ଦୂରେଇ ଯାଇ ବାଇବଲକୁ ଫେରିଥା'ନ୍ତେ, ଆଉ ଏହା ପାଇଥା'ନ୍ତେ, ଯେ ଯିଶାଇୟ କହିଥିଲେ ଯେ ସେହି ସ୍ତ୍ରୀ ତାହା କରିବାକୁ ଯାଉଛନ୍ତି।

34 ଏବଂ ସେହି ବିଷୟମାନ ଯାହା ସମ୍ବନ୍ଧରେ କୁହାଯାଇଥିଲା, ପୁଣି ତାହାଙ୍କର ଜନ୍ମ ବିଷୟ, ଏବଂ ତାହା ବିଷୟରେ ସବୁକିଛି ଶାସ୍ତ୍ର ଦ୍ୱାରା କୁହାଯାଇଥିଲା, "ପବିତ୍ର ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା" ଯେପରିକି ପିତର କହିଲେ। ଏବଂ ସେଥିରେ କୌଣସି ବ୍ୟକ୍ତିଙ୍କର କୌଣସି ବ୍ୟକ୍ତିଗତ ବ୍ୟାଖ୍ୟା କରିବାର ଏକ ଅଧିକାର ନାହିଁ। ଏହା ତ ଅବିକଳ ଭାବରେ ଠିକ୍ ତାହା ଅଟେ ଯାହାକି ପରମେଶ୍ୱର ହେବ ବୋଲି କହିଥିଲେ। ସେହି ଦିନ ପାଇଁ ସେ ପ୍ରତିଜ୍ଞା କରାଯାଇଥିବା ପରମେଶ୍ୱରଙ୍କ ବାକ୍ୟର ପ୍ରକଟୀକରଣ ଥିଲେ। ପରମେଶ୍ୱର ତାହା କହିଥିଲେ, ଏଣୁ ତାହା ସେଠାରେ ସେହିପରି ଥିଲା। ଏହା ତାହାକୁ ସମାଧାନ କଲା।

35 ଯୀଶୁ କହିଲେ...ଯେତେବେଳେ ସେ ଧରାପୃଷ୍ଠରେ ଥିଲେ, ଯେତେବେଳେ ସେମାନେ ତାହାଙ୍କର ସେବାକାର୍ଯ୍ୟକୁ ବୁଝିପାରି ନ ଥିଲେ, ତାହା ଅତ୍ୟଧିକ ମହାନ୍, ଏକ ବହୁତ ବଡ଼ ଆଶ୍ଚର୍ଯ୍ୟ ଘଟଣା, (ସେମାନେ ପାରି ନ ଥିଲେ), ବରଂ, ଅଦ୍ଭୁତ ଘଟଣା ଥିଲା। ସେମାନେ ତାହାଙ୍କୁ ବୁଝିପାରିଲେ ନାହିଁ। ସେ କହିଲେ, "ଶାସ୍ତ୍ର ଅନୁସନ୍ଧାନ କର!" (ମୁଁ ଆଶା କରେ ଯେ ମୁଁ ସେଥିରେ ଉଚ୍ଚ ପାଟିରେ କହିବା ଦ୍ୱାରା, ଆପଣମାନଙ୍କୁ ସେଠାରେ ବଧିର କରୁ ନାହିଁ।) "ଶାସ୍ତ୍ର ଅନୁସନ୍ଧାନ କର, କାରଣ ସେଥିରେ ତୁମମାନଙ୍କର ଅନନ୍ତ ଜୀବନ ଅଛି ବୋଲି ତୁମେ ଭାବୁଛ,

ଏବଂ ସେମାନେ ହିଁ ଅଟନ୍ତି ଯାହାକି ମୋ'ର ସାକ୍ଷ୍ୟ ଦିଅନ୍ତି।" ଦେଖନ୍ତୁ? "ସେମାନେ ହିଁ ଅଟନ୍ତି ଯିଏକି ତୁମମାନଙ୍କୁ ଏହା କୁହନ୍ତି ଯେ ମୁଁ କିଏ।"

36 ଦେଖନ୍ତୁ, ପରମେଶ୍ୱର ବାକ୍ୟ ନିରୂପଣ କଲେ। ସେହି ଦିନ ପରମେଶ୍ୱରଙ୍କ ପ୍ରକଟୀକରଣ ହେବାକୁ ଥିଲା, ପରମେଶ୍ୱର (ଇମ୍ମାନୁୟେଲ) ଆମ ସହିତରେ, "ତାହାଙ୍କର ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ଶାନ୍ତି ରାଜା, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା କୁହାଯିବ। ଆଉ ତାହାଙ୍କର ନାମ *ଇମ୍ମାନୁୟେଲ* ଡକା ହେବ, 'ଆମମାନଙ୍କ ସହିତ ପରମେଶ୍ୱର।'" ପରମେଶ୍ୱର ଦାଉଦଙ୍କଠାରେ ଥିଲେ। ପରମେଶ୍ୱର ମୋଶାଙ୍କଠାରେ ଥିଲେ। ପରମେଶ୍ୱର! ସମସ୍ତ ଯୁଗ ଦେଇ ତାହା ପରମେଶ୍ୱର ହିଁ ଅଟନ୍ତି, ଆପଣାକୁ ସେହି ଯୁଗ ପାଇଁ ପ୍ରକାଶ କରୁଥା'ନ୍ତି। ମାତ୍ର ଏହି ଯୁଗ, "ଜଣେ କୁମାରୀ ଗର୍ଭବତୀ ହେବ ଏବଂ ସେ ଏକ ପୁତ୍ର ପ୍ରସବ କରିବ, ଆଉ ସେ ଆମ୍ଭମାନଙ୍କ ସହିତ ପରମେଶ୍ୱର ହେବେ।"

37 ସେଇଥି ପାଇଁ ତ ସେମାନେ ତାହାଙ୍କୁ କ୍ରୁଶରେ ଚଢ଼ାଇଥିଲେ, ଯେ ନିଜକୁ ପରମେଶ୍ୱର ବୋଲାଉଅଛି, ଏବଂ ପୁଣି ବିଶ୍ରାମବାର ଅମାନ୍ୟ କରୁଅଛି। ସେ ଥିଲେ—ସେ ତ ବିଶ୍ରାମବାରର ପରମେଶ୍ୱର ଥିଲେ, ଆଉ ସେ ପରମେଶ୍ୱର ଥିଲେ। ଆଉ ସେ କେବଳ ଜଣେ ସାଧାରଣ ମନୁଷ୍ୟ କିମ୍ବା ଜଣେ ସାଧାରଣ ଭବିଷ୍ୟଦ୍‌ବକ୍ତା ନ ଥିଲେ (ତଥାପି ସେ ଜଣେ ସାଧାରଣ ମନୁଷ୍ୟ ଏବଂ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ), ମାତ୍ର ସେ ପରମେଶ୍ୱର-ଭବିଷ୍ୟଦ୍‌ବକ୍ତା ଥିଲେ। ଏବଂ ସେ ତ ବାକ୍ୟର ପରିପୂର୍ଣ୍ଣତା ଥିଲେ, ଅବିକଳ ଭାବେ ଠିକ୍ ତାହା ଥିଲେ ଯାହାକି ପରମେଶ୍ୱର କରିବେ ବୋଲି କହିଥିଲେ। କହିଲେ, "ତୁମମାନଙ୍କ ମଧ୍ୟରୁ କିଏ ମୋତେ ପାପ ପାଇଁ ଦୋଷୀ କରିପାରେ? ଶାସ୍ତ୍ର ଅନୁସନ୍ଧାନ କର! ତୁମେମାନେ ଭାବୁଛ ଯେ ସେଥିରେ ତୁମର ଅନନ୍ତ ଜୀବନ ଅଛି, ଆଉ ତାହା ହିଁ ଅଟେ ଯାହାକି ମୋ' ବିଷୟରେ ସାକ୍ଷ୍ୟ ଦେଇଥାଏ।" ମାତ୍ର ସେମାନଙ୍କର ପରମ୍ପରାଗୁଡ଼ିକ, ସେମାନେ ତ ଅନ୍ୟ ଏକ ଯୁଗର ଚମକରେ ବାସ କରୁଥିଲେ।

38 ଯେପରିକି ମୁଁ କିଛି ସପ୍ତାହ ପୂର୍ବରୁ ପ୍ରଚାର କରୁଥିଲି, *"ଏକ ଚମକରେ ବାସ କରିବା।"* ଗୋଟିଏ ଚମକ ହେଉଛି "ଏକ ମରୀଚିକା," ସୂର୍ଯ୍ୟ ଆପଣାକୁ ପ୍ରତିଫଳିତ କରୁଥାଏ, ଏବଂ ତାହା ମିଥ୍ୟା ଅଟେ। ଏବଂ ଅନ୍ୟ ଯୁଗର ଯେକୌଣସି ଚମକ ଏକ ମିଥ୍ୟା ପ୍ରତିଫଳନ ଅଟେ। ଲୋକମାନେ ସବୁବେଳେ ଏପରି କିଛି ବିଷୟରେ ଗମନାଗମନ କରନ୍ତି ଯାହାକି ଅନେକ ବର୍ଷ ପୂର୍ବେ ଘଟିଥିଲା। ଲୁଥରାନ୍‌ମାନେ ଏକ ଲୁଥରାନ୍ ଚମକରେ ଚାଲୁଅଛନ୍ତି। ଲୁଥରଙ୍କ ସୂର୍ଯ୍ୟାଲୋକ ତାଙ୍କ ସମୟରେ ଭଲ ଥିଲା; ୱେସ୍‌ଲି ତାଙ୍କ ସମୟରେ ଭଲ ଥିଲେ; ପେଣ୍ଟିକେଷ୍ଟାଲ୍ ତା'ର ସମୟରେ ଭଲ ଥିଲା। ଆମେ ତ ଶିଢ଼ି ଉପରକୁ ଯାଉଅଛୁ, ଆମେମାନେ ଅନ୍ୟ ଏକ ଯୁଗରେ ବାସ କରୁଅଛୁ! ଆମେମାନେ ଆଗକୁ, ଆଗକୁ ବଢୁଅଛୁ, ଆମେମାନେ ପଛକୁ ଅନାଇ ରହିପାରୁଥିବା ନାହିଁ।

39 ଯେତେବେଳେ ଆମେମାନେ ନିଜକୁ ବିଷୟଗୁଡ଼ିକରେ ସୁବ୍ୟବସ୍ଥିତ କରି ନେଇଥାଉ, ଆମେମାନେ ଭାବିଥାଉ ଯେ ଆମେମାନେ ଏହା ସବୁକିଛି ଠିକ୍ କରି ନେଇଛୁ, ଆମେମାନେ ଆମର ପରମ୍ପରାଗୁଡ଼ିକରେ ଗୁଡ଼ାଇ ହୋଇଥାଉ; ଆଉ ତାହା ସେହି ଦିନ ନିମନ୍ତେ ଠିକ୍ ଥିଲା, ମାତ୍ର ଆମେମାନେ ତ ଆଗକୁ ବଢୁଅଛୁ! ଶାସ୍ତ୍ରଗୁଡ଼ିକ ଅନୁସନ୍ଧାନ କରନ୍ତୁ ଏବଂ ଦେଖନ୍ତୁ ଯେ ଆଜି ପାଇଁ କ'ଣ ପ୍ରତିଜ୍ଞା କରାଯାଇଅଛି, ତା'ପରେ ଆମେମାନେ ଜାଣିବା ଯେ ଆମେ କେଉଁଠାରେ ଅଛୁ, ତା'ପରେ ଆମେମାନେ କହିପାରିବା ଯେ ଆମେ କେଉଁଠାରେ ଛିଡ଼ା ହୋଇଅଛୁ।

40 ଲୁଥର୍; ଆପଣ ଶାସ୍ତ୍ରରେ ଅନାଇପାରନ୍ତି ଏବଂ ଦେଖିପାରନ୍ତି ଯେ ସେହି—ସେହି ସାର୍ଦ୍ଦୀ ଯୁଗରେ, ଆପଣ ତାହା ସଠିକ୍ ଭାବେ ଦେଖିପାରନ୍ତି ଯେ କ'ଣ ପ୍ରତିଜ୍ଞା କରାଯାଇଥିଲା। ଦେଖନ୍ତୁ ଯେ କେଉଁ ପ୍ରକାରର ଏକ ଆରୋହୀ ବାହାରି ଥିଲା, ଦେଖନ୍ତୁ ଯେ ତାକୁ ସାକ୍ଷାତ କରିବାକୁ କ'ଣ ଗଲା, ଅବିକଳ ଭାବେ, "ମନୁଷ୍ୟର ଚତୁରତା," ସୁଧାର। ୱେସ୍‌ଲିକୁ ଦେଖନ୍ତୁ, ଏବଂ ପ୍ରଭୃତିକୁ। ଯେତେବେଳେ ତାହା ତଳକୁ ପେଣ୍ଟିକଷ୍ଟାଲ୍ ଯୁଗ ନିକଟକୁ ଆସିଲା, ଏବଂ ସେହି ଯୁଗ ଦେଇ, ଦେଖନ୍ତୁ ଯେ ତାହା କିପରି ଭାବରେ ଯାତ୍ରା କରିଥିଲା। ଶାସ୍ତ୍ରଗୁଡ଼ିକୁ ଅନାନ୍ତୁ ଏବଂ ଦେଖନ୍ତୁ ଯେ ଆମେମାନେ କେଉଁଠାରେ ଅଛୁ। ସେହି କାରଣରୁ ଯୀଶୁ କହିଥିଲେ, "ଶାସ୍ତ୍ରଗୁଡ଼ିକୁ ଅନୁସନ୍ଧାନ କର!"

41 ଦେଖନ୍ତୁ ଯେ ଆମେମାନେ କେଉଁଠାରେ ଅଛୁ! ମୁଁ ବିଶ୍ୱାସ କରେ ଯେ ଆମେମାନେ ଠିକ୍ ବର୍ତ୍ତମାନ ପରମେଶ୍ୱରଙ୍କ ପୁତ୍ରଙ୍କ ଆଗମନରେ ଅଛୁ। ମୁଁ ବିଶ୍ୱାସ କରେ ଯେ ଆମେମାନେ ଠିକ୍ ସେହି—ସେହି ସମୟର ସେହି ଯୁଗରେ ଅଛୁ ଯେତେବେଳେକି ସେ କୌଣସି ସମୟରେ ବି ଦେଖା ଦେଇପାରନ୍ତି। ମୁଁ ବିଶ୍ୱାସ କରେ ଯେ ଶାସ୍ତ୍ର ତାହା ଘୋଷଣା କରେ, ଯେ ଆମେମାନେ ଏହି ଜଗତର ଇତିହାସର ଶେଷ ଘଟିକାରେ ଅଛୁ। ମୁଁ ବିଷୟଗୁଡ଼ିକ ଦେଖିପାରେ ଯେତେବେଳେ ସେଗୁଡ଼ିକ ଆକାର ଗ୍ରହଣ କରୁଥାଏ। ଏହି ବିଶ୍ୱ ଗୀର୍ଜା ସଂଘ ପରିଷଦକୁ ଦେଖନ୍ତୁ ଯିଏକି ସମସ୍ତ ମଣ୍ଡଳୀଗୁଡ଼ିକୁ ତାହା ମଧ୍ୟକୁ, ସେହି ପଶୁର ଚିହ୍ନ ମଧ୍ୟକୁ କଢ଼େଇ ନେଇ ଯାଉଅଛି। ପୁଣି ରୋମାନ୍ ସାମ୍ରାଜ୍ୟକୁ ଏବଂ ତାହା କ'ଣ କରୁଅଛି ଦେଖନ୍ତୁ, ଆଉ ବାକି ସମସ୍ତଙ୍କୁ ଦେଖନ୍ତୁ। ସେମାନଙ୍କୁ ଏକାଠି ହେଉଥିବାର ଦେଖନ୍ତୁ, ପ୍ରକାଶକୁ ବନ୍ଦ କରୁଥିବାର, ସୁସମାଚାରକୁ ବନ୍ଦ କରୁଥିବାର ଦେଖନ୍ତୁ। ସମସ୍ତଙ୍କୁ ତାହା ସହିତ ସମ୍ପୃକ୍ତ ହେବାକୁ ପଡ଼ିବ ଏବଂ ସେମାନଙ୍କର ପ୍ରକାଶରେ ଚାଲିବାକୁ ପଡ଼ିବ ଅନ୍ୟଥା ଆପଣ ଆଦୌ ଚାଲିବେ ନାହିଁ। ଦେଖନ୍ତୁ, ଆମେମାନେ ଶେଷ ସମୟରେ ଅଛୁ। ପରମେଶ୍ୱରଙ୍କୁ ଧରି ରଖିବା ଏବଂ ତାହାଙ୍କ ବାକ୍ୟକୁ ବିଶ୍ୱାସ କରିବା ଛଡ଼ା ଆମ ପାଇଁ ଆଉ କିଛିହେଲେ ବାକି ନାହିଁ। ବାକ୍ୟ ହିଁ ସର୍ବଦା ଠିକ୍ ଅଟେ।

42 ଲାଅଦିକୀଆ ମଣ୍ଡଳୀ ଯୁଗରେ, ଯାହାକି ସେହି ସମସ୍ତଙ୍କ ମଧ୍ୟରେ, ଏକମାତ୍ର ମଣ୍ଡଳୀ ଯୁଗ ଥିଲା, ଯେଉଁଥିରେକି ଖ୍ରୀଷ୍ଟଙ୍କୁ ମଣ୍ଡଳୀର ବାହାରେ ରଖାଯାଇଥିଲା। ସେ ବାହାରେ ଥାଇ, ଦ୍ୱାର ଆଘାତ କରୁଥିଲେ। କ'ଣ ହେଲା? ଏହି ବିଶ୍ୱ ଗୀର୍ଜା ସଂଘ ପରିଷଦ ହିଁ ଅଟେ ଯାହାକି

ତାହାଙ୍କୁ ବାହାର କରିବାକୁ ଯାଉଅଛି। ବାଇବଲ କହେ ଯେ ତାହାଙ୍କୁ ବାହାରେ ରହିବାକୁ ଥିଲା, ଆଉ ସେ ଅଛନ୍ତି। ତାହା କ'ଣ ବନ୍ଦ କରିଥାଏ? ସେହି ବାକ୍ୟକୁ। ଆଉ ସେ ହେଉଛନ୍ତି ବାକ୍ୟ, ସେ ସର୍ବଦା ବାକ୍ୟ ରହି ଆସିଛନ୍ତି, ଏବଂ ଆଜିରାତ୍ରି ମଧ୍ୟ ସେ ବାକ୍ୟ ହିଁ ଅଟନ୍ତି! ସେ ବାକ୍ୟ ଅଟନ୍ତି।

43 ବାଇବଲ କହେ, "ବାକ୍ୟ ତୀକ୍ଷ୍ଣତର, ଏକ ଦ୍ୱି-ଧାର ଖଡ୍‌ଗଠାରୁ ଅଧିକ ଶକ୍ତିଶାଳୀ," ଏବ୍ରୀ, ତା'ର 4ର୍ଥ ପର୍ବ, "ହୃଦୟର ଚିନ୍ତା ଓ ଭାବର ଏକ ସୂକ୍ଷ୍ମ ବିଚାରକ ଅଟେ।" ସେହି ବାକ୍ୟଟି ଥିଲା! ସେମାନଙ୍କୁ ତାହା ଜାଣିବା ଉଚିତ୍ ଥିଲା ଯେ ଯେତେବେଳେ ଯୀଶୁ ତାହା କହିଥିଲେ ସେହି ଦିନରେ ସେ କିଏ ଥିଲେ।

44 ଦେଖନ୍ତୁ ଯେ ସେ କଣ କଲେ। ଦିନେ ସେ ସେଠାରେ ଛିଡ଼ା ହୋଇଥିଲେ, ତାହାଙ୍କର ସେବାକାର୍ଯ୍ୟର ପ୍ରଥମ ଆରମ୍ଭିକ ଥିଲା। ତାହାଙ୍କ ନିକଟକୁ ଶିମୋନ ନାମରେ, ଶିମୋନ ପିତର ନାମରେ, ଜଣେ ବ୍ୟକ୍ତି ଆସିଲେ। ଆଉ ଯେତେବେଳେ ପିତର ତାହାଙ୍କୁ ଅନାଇଲେ ଏବଂ—ଏବଂ ତାହାଙ୍କୁ ଦେଖିଲେ, ଯୀଶୁ ତାଙ୍କୁ କହିଲେ, "ତୁମର ନାମ ଶିମୋନ ଅଟେ ଏବଂ ତୁମେ ଜୁନସର ପୁତ୍ର।" (ପିତରଙ୍କୁ ଏହା ଜାଣିବାର ଉଚିତ୍ ଥିଲା ଯେ ମୋଶା କହିଥିଲେ, "ସଦାପ୍ରଭୁ ତୁମ୍ଭର ପରମେଶ୍ୱର ମୋ' ଭଳି ଏକ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇବେ, ଓ ତୁମେ ତାହାଙ୍କୁ ନିଶ୍ଚିତ ଶୁଣିବ।") ଏବଂ ଏଠାରେ ଜଣେ ବ୍ୟକ୍ତି ଥିଲେ ଯିଏକି ତାଙ୍କୁ ତାଙ୍କର ଜୀବନରେ କେବେ ଦେଖି ନ ଥିଲେ, ମାତ୍ର କହିଥିଲେ, "ତୁମର ନାମ ଶିମୋନ ଅଟେ ଏବଂ ତୁମେ ଜୁନସର ପୁତ୍ର।" କାହିଁକି, ସେ ତ ଠିକ୍ ସେତେବେଳେ ହିଁ ଜାଣିଥିଲେ ଯେ ତାହା ଆଉ ଅନ୍ୟ କେହି ହୋଇପାରନ୍ତି ନାହିଁ...ଶହ ଶହ ବର୍ଷ ଧରି ସେମାନଙ୍କର କୌଣସି ଭବିଷ୍ୟଦ୍‌ବକ୍ତା ହୋଇ ନ ଥିଲେ, ଏବଂ ଏଠାରେ ଜଣେ ବ୍ୟକ୍ତି ଥିଲେ ଯିଏକି ତାଙ୍କୁ କହୁଥିଲେ ଯେ ସେ କିଏ ଅଟନ୍ତି। ଏଥିରେ କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେ ଏହାକୁ ଗ୍ରହଣ କରି ପାରିଥିଲେ!

45 ଫିଲିପ୍‌ପ, ସେହି ସମୟରେ, ଗଲେ ଏବଂ—ଏବଂ ନିଥନିୟେଲଙ୍କୁ ଏକ ଗଛ ମୂଳରେ ଦେଖା ପାଇଲେ, ଓ ତାଙ୍କୁ ଯୀଶୁଙ୍କ ନିକଟକୁ ନେଇକି ଆସିଲେ। ଯୀଶୁ କହିଲେ "ଏହି ଦେଖ ଏ ଜଣେ ଇସ୍ରାଏଲୀୟ ଲୋକ ଏହାଙ୍କଠାରେ ଛଳନା ନାହିଁ।"

ସେ ପଚାରିଲେ, "ହେ ରାବ୍ବୀ, ଆପଣ ମୋତେ କେବେ ଚିହ୍ନିଲେ?"

46 ଯୀଶୁ କହିଲେ, "ଫିଲିପ୍‌ପ ତୁମ୍ଭକୁ ଡାକିବା ପୂର୍ବେ, ତୁମ୍ଭେ ଯେତେବେଳେ ଗଛ ତଳେ ଥିଲ, ସେତେବେଳେ ମୁଁ ତୁମ୍ଭକୁ ଦେଖିଥିଲି।"

47 ସେ କହିଲେ, "ହେ ରାବ୍ବୀ, ଆପଣ ପରମେଶ୍ୱରଙ୍କ ପୁତ୍ର! ଆପଣ ଇସ୍ରାଏଲର ରାଜା।" ସେ ଜାଣିଥିଲେ ଯେ ତାହା ଥିଲା! କ'ଣ? ତାହା କୋଣସି ବ୍ୟାଖ୍ୟାର ଆବଶ୍ୟକତା କଲା ନାହିଁ, ଯିହୋବା ତାହା କହିଥିଲେ!

48 ସେଠାରେ ସେହି ଲୋକମାନେ ଛିଡ଼ା ହୋଇଥିଲେ ଯେଉଁମାନେକି ତାହା ବିଶ୍ୱାସ କରି ନ ଥିଲେ। ସେମାନେ କହିଲେ, "ଏହି ବ୍ୟକ୍ତି ବାଆଲଯିବୂଲ୍ ଅଟେ। ତାହା ପାଖରେ—ତାହା

ପାଖରେ ଏପରି କିଛି କୌଶଳ ଅଛି ଯାହାକି ସେ ଦେଖାଉଅଛି । ସେ—ସେ ଜଣେ ଭାଗ୍ୟ-କହିବା ବ୍ୟକ୍ତି, କିମ୍ବା ସେପରି କିଛି ଅଟେ ।”

49 ଯୀଶୁ ସେମାନଙ୍କ ଆଡ଼େ ଅନାଇଲେ, ଓ କହିଲେ, “କାହିଁକି, ତୁମେ ତାହା ମନୁଷ୍ୟପୁତ୍ରଙ୍କ ବିରୁଦ୍ଧରେ କହୁଅଛ, ତାହା ତୁମକୁ କ୍ଷମା ହୋଇଯିବ । ମାତ୍ର ଯେତେବେଳେ ପବିତ୍ରଆତ୍ମା ସେହି ସମାନ କାର୍ଯ୍ୟକୁ କରିବା ପାଇଁ ଆସନ୍ତି, ଯଦି ତାହା ବିରୁଦ୍ଧରେ କୁହ, ତେବେ ତାହା ତୁମକୁ କଦାପି କ୍ଷମା କରାଯିବ ନାହିଁ, ଇହ ଜଗତରେ ନୁହଁ କିମ୍ବା ଆସିବାକୁ ଥିବା ଜଗତରେ ମଧ୍ୟ ।” ସେ ଆମମାନଙ୍କର ଦିନର ଭବିଷ୍ୟତ୍‌ବାଣୀ କରୁଥିଲେ, ସେହି ଦିନ ଯାହାକି ଆମେମାନେ ଦେଖିବା । କାରଣ ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି ।

ମନେରଖନ୍ତୁ, ଏହା ଯୀଶୁ ଖ୍ରୀଷ୍ଟ ହିଁ ମୋଶାଙ୍କଠାରେ ଥିଲେ ।

50 ଏହା ଯୀଶୁ ଖ୍ରୀଷ୍ଟ ହିଁ ଦାଉଦଙ୍କଠାରେ ଥିଲେ । ଯେତେବେଳେ ଦାଉଦ...ଙ୍କର ପୁତ୍ର, ଦାଉଦ ପର୍ବତ ଉପରକୁ ଯାଇଥିଲେ, ଜଣେ ଅସ୍ୱୀକୃତ ରାଜା ଭାବରେ, ଆଉ ଯିରୂଶାଲମ ନିମନ୍ତେ କାନ୍ଦିଥିଲେ, ତାହା ଆଉ କିଛି ନୁହେଁ ବରଂ ଖ୍ରୀଷ୍ଟ ତାହାଙ୍କଠାରେ ଥିଲେ । କାରଣ ପ୍ରାୟଃ ଆଠ ଶହ ବର୍ଷ ଉତ୍ତାରେ, ଦାଉଦଙ୍କ ପୁତ୍ର ଜୀତ ପର୍ବତ ଉପରେ ବସିଥିଲେ ଏବଂ ତଳକୁ ଯିରୁଶାଲମକୁ ଚାହିଁଥିଲେ ଓ କାନ୍ଦିଥିଲେ, ଆଉ କହିଥିଲେ, “ହେ ଯିରୂଶାଲମ, ହେ ଯିରୂଶାଲମ, ମା କୁକ୍କୁଟୀ ଯେପରି ଆପଣା ଛୁଆମାନଙ୍କୁ ଆବୋରିଥାଏ ସେହିପରି କେତେଥର ମୁଁ ତୋତେ ଆବୋରିବା ପାଇଁ ଚାହିଁଲି, କିନ୍ତୁ ତୁ ଚାହିଁଲୁ ନାହିଁ!”

51 ଯେତେବେଳେ ଯୋଷେଫ କାରାଗାରରେ ଥିଲେ, ତାହା ଯୀଶୁ ଥିଲେ । ଯେତେବେଳେ ତାହାଙ୍କୁ ମାତ୍ର ତିରିଶଟି ରୌପ୍ୟ ମୁଦ୍ରାରେ ବିକ୍ରୟ କରାଗଲା, ସେତେବେଳେ ତାହା ଯୀଶୁ ଥିଲେ । ଯେତେବେଳେ ତାହାଙ୍କୁ ପୋଟିଫରର ବ୍ୟକ୍ତି କରାଗଲା, ସେତେବେଳେ ତାହା ଯୀଶୁ ଥିଲେ । ଯେତେବେଳେ ସେ ଫାରୋଙ୍କ ଡାହାଣ ପଟେ ବସିଲେ । ଏବଂ ଯେତେବେଳେ ସେ ବାହାରୁଥିଲେ, ସମସ୍ତେ...ତୂରୀ ଶବ୍ଦ ହେଉଥିଲା, ଆଉ ସମସ୍ତଙ୍କୁ ଆଣ୍ଠୁପାତ କରିବାକୁ ପଡୁଥିଲା, ସେତେବେଳେ ତାହା ଯୀଶୁ ଥିଲେ । କୌଣସି ଲୋକ ଫାରୋଙ୍କ ନିକଟକୁ ଯାଇ ପାରୁ ନ ଥିଲେ କେବଳ ଯୋଷେଫଙ୍କ ଦେଇ—ଦେଇ; କୌଣସି ଲୋକ ପରମେଶ୍ୱରଙ୍କ ନିକଟକୁ ଆସିପାରନ୍ତି ନାହିଁ, କେବଳ ଯୀଶୁଙ୍କ ଦେଇ । ଏହା ତ ଯୀଶୁ ଥିଲେ, ଯିଏକି ଭବିଷ୍ୟତ୍‌ବାଣୀ କରାଯାଇଥିବା ବାକ୍ୟର ପରିପୂର୍ଣତା ଥିଲେ, ଯାହା ପ୍ରତିଛାୟା ଏବଂ ପ୍ରତିଚିତ୍ରଣରେ କୁହାଯାଇଥିଲା ।

52 ଯେତେବେଳେ ଯୀଶୁ ଏଠାରେ ପୃଥିବୀରେ ଥିଲେ, ସେ ଠିକ୍ ସେହି କାର୍ଯ୍ୟଗୁଡ଼ିକୁ କରିଥିଲେ ଯାହାକି ଭବିଷ୍ୟଦ୍‌ବକ୍ତାମାନେ କରିଥିଲେ, ସେଇଥିପାଇଁ ସେମାନେ ଜାଣିଥିଲେ ଯେ ସେ ହେଉଛନ୍ତି ପରମେଶ୍ୱରଙ୍କ ବାକ୍ୟର ପ୍ରକଟୀକରଣ । ତାହାକୁ କୌଣସି ବ୍ୟାଖ୍ୟା କରିବାର ଆବଶ୍ୟକତା ପଡ଼ି ନ ଥିଲା ।

53 ଯେତେବେଳେ ନିଥନିୟେଲ ଏହା ଦେଖିଲେ, ସେ ତଳେ ପଡ଼ିଗଲେ, ଓ କହିଲେ, "ଆପଣ ଇସ୍ରାଏଲର ରାଜା, ପରମେଶ୍ୱରଙ୍କ ପୁତ୍ର, ଇସ୍ରାଏଲର ରାଜା ଅଟନ୍ତି। ଆମେ ଆପଣଙ୍କୁ ଜାଣୁ, କୌଣସି ମନୁଷ୍ୟ ତାହା କରିପାରେ ନାହିଁ।"

54 ନୀକଦୀମ ରାତ୍ରି ସମୟରେ ଆସିଥିଲେ, ଫାରୂଶୀମାନଙ୍କ ପାଇଁ ସେହି ସମାନ କଥା କହିଥିଲେ। ମାତ୍ର, ଆପଣ ଦେଖନ୍ତୁ, ସେମାନେ ସେମାନଙ୍କର ବିଶ୍ୱ ଗୀର୍ଜା ସଂଘ ପରିଷଦରେ ଏତେ ଜଡ଼ିତ ହୋଇଥିଲେ ଯେ ସେମାନେ ଏହାକୁ ଗ୍ରହଣ କରିପାରି ନ ଥିଲେ। ସେମାନେ ଯାହା କହୁଥିଲେ ସେ ତାହାକୁ ପ୍ରକାଶ କଲେ, ଓ କହିଲେ, "ରାବ୍ବୀ, ଆମେମାନେ…" କିଏ "ଆମେମାନେ"? ସେମାନଙ୍କର ପରିଷଦ! "ଆମେମାନେ ଜାଣୁ ଯେ ଆପଣ ପରମେଶ୍ୱରଙ୍କଠାରୁ ଆଗତ ଜଣେ ଗୁରୁ, କାରଣ ଆପଣ ଏହି ଯେଉଁ ସମସ୍ତ କାର୍ଯ୍ୟ କରୁଅଛନ୍ତି, ପରମେଶ୍ୱର ସାଙ୍ଗରେ ନ ଥିଲେ କୌଣସି ବ୍ୟକ୍ତି ସେହିସବୁ କରିପାରେ ନାହିଁ।" ସେମାନେ ଏହାକୁ ଚିହ୍ନିଥିଲେ, ସେମାନେ ଜାଣିଥିଲେ ଯେ ତାହାହିଁ ଏହା ଥିଲା, ମାତ୍ର ସେମାନେ ସେଥିରେ ଅତ୍ୟଧିକ ଭାବେ ଜଡ଼ିତ ହୋଇଥିଲେ।

55 ଆଉ ପରମେଶ୍ୱର, ବିଗତ ଚାଳିଶ ବର୍ଷ ମଧ୍ୟରେ, ଏହି ରାଷ୍ଟ୍ରକୁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମରେ ଦୋହଲାଇ ଦେଇଅଛନ୍ତି, ପୁଣି ପୁରୁଷ ଏବଂ ମହିଳାମାନେ ଏବେ ସୁଦ୍ଧା ଏହାର ବାହାରେ ଅଛନ୍ତି କାରଣ ସେମାନେ ମଧ୍ୟ ଗୋଟିଏ ସମାନ ବିଷୟରେ ଜଡ଼ିତ ଅଛନ୍ତି, ଅନ୍ୟ ଏକ ଦିନର ଚମକରେ ବାସ କରୁଅଛନ୍ତି। ମାମଲାଟି କ'ଣ? ସମସ୍ତେ ଏକ ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପ୍ରେସବିଟେରିଆନ୍, ଲୁଥରାନ୍ କିମ୍ୱା ସେପରି କିଛି ହେବାକୁ ଚାହୁଁଛନ୍ତି। ଦେଖନ୍ତୁ, ଏହା ଏକ ଚମକ ଅଟେ।

56 ସେମାନେ ମୋଶାଙ୍କ ଦିନର ଚମକରେ ବାସ କରୁଥିଲେ। ସେ କ'ଣ କହିଲେ? ସେ କହିଲେ…ସେମାନେ କହିଲେ, "ଆମେ ମୋଶାଙ୍କର ଶିଷ୍ୟ ଅଟୁ।"

57 ସେ କହିଲେ, "ଯଦି ତୁମେ ମୋଶାଙ୍କୁ ଜାଣିଥା'ନ୍ତ, ତେବେ ତୁମେ ମୋତେ ଜାଣିଥା'ନ୍ତ। ମୋଶା ତ ମୋ' ବିଷୟରେ ଲେଖିଥିଲେ!"

58 ଯଦି ଆପଣ ଲୁଥରଙ୍କୁ ଜାଣିଥା'ନ୍ତେ, ଆପଣ ଏହି ଯୁଗକୁ ଜାଣିଥା'ନ୍ତେ! ଯଦି ଆପଣ ମେଥୋଡିଷ୍ଟଙ୍କୁ ଜାଣିଥା'ନ୍ତେ, ଆପଣ ଏହି ଯୁଗକୁ ଜାଣିଥା'ନ୍ତେ! କାରଣ ଖ୍ରୀଷ୍ଟ ଏହି ଯୁଗ ବିଷୟରେ ଲେଖିଥିଲେ! ସେହି ବାକ୍ୟଗୁଡ଼ିକ ଯାହା ପୂରଣ ହେଉଅଛି ତାହାକୁ ଏହି ଯୁଗରେ ପୂରଣ ହେବାକୁ ଅଛି। ଏହାକୁ ବ୍ୟାଖ୍ୟା କରିବା ନିମନ୍ତେ କାହାରି ଜଣକାକୁ ଆବଶ୍ୟକ କରେ ନାହିଁ, ପରମେଶ୍ୱର ଆପଣା ବ୍ୟାଖ୍ୟା ନିଜେ କରନ୍ତି। ପରମେଶ୍ୱର ନିଜେ ବ୍ୟାଖ୍ୟା କରନ୍ତି, କାରଣ ସେ ହିଁ ଏକମାତ୍ର ଜଣେ ଯିଏକି ଏହାକୁ ବ୍ୟାଖ୍ୟା କରିପାରନ୍ତି। ପରମେଶ୍ୱରଙ୍କ ପ୍ରତିଜ୍ଞାସକଳ ସର୍ବଦା ତାହାହିଁ ପ୍ରମାଣିତ କରେ ଯାହା ସେ କହିଛନ୍ତି, ଆଉ ତାହାହିଁ ହେଉଛି ବ୍ୟାଖ୍ୟା।

59 ତେବେ, ଯୀଶୁ, (ସମୟ ବଞ୍ଚାଇବା ପାଇଁ), ଯୀଶୁ କହିଲେ, ସାଧୁ ଯୋହନ, ତା'ର 14ଶ ପର୍ବ, 12ଶ ପଦ, "ଯିଏ ମୋ' ଠାରେ ବିଶ୍ୱାସ କରେ, ମୁଁ କରୁଥିବା ଏହି କାର୍ଯ୍ୟଗୁଡ଼ିକ ସେ ମଧ୍ୟ କରିବ ।" କ'ଣ ସେ ଏହା କହିଛନ୍ତି କି? ତାହା ଠିକ୍ । ତାହା କୌଣସି ବ୍ୟାଖ୍ୟା କରାଯିବାର ଆବଶ୍ୟକ କରେ ନାହିଁ । ଯେତେବେଳେ କେହି ଜଣେ ସେହି କାମ କରନ୍ତି, ତାହା ପରମେଶ୍ୱର ଅଟନ୍ତି । ନିଶ୍ଚିତରେ!

60 ସେ ସେଠାରେ ଏହା ମଧ୍ୟ କହିଥିଲେ, "ଲୋଟଙ୍କ ଦିନରେ ଏହା ଯେପରି ଥିଲା, ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ସେହିପରି ଘଟିବ ।" ଯୀଶୁ ତାହା କହିଥିଲେ । କ'ଣ ସେ ଏହା କହିଛନ୍ତି କି? ନିଶ୍ଚିତ ଭାବରେ, ସେ ଏହା କହିଛନ୍ତି! ତାହା କୌଣସି ବ୍ୟାଖ୍ୟାର ଆବଶ୍ୟକ କରେ ନାହିଁ ।

ସେମାନେ କହନ୍ତି, "ତେବେ, ଏହାର ଅର୍ଥ..."

61 ଏହାର ଅର୍ଥ ଅବିକଳ ଭାବେ ଠିକ୍ ତାହାହିଁ ଅଟେ ଯାହା ସେ କହିଥିଲେ! "ଲୋଟଙ୍କ ଦିନରେ ଏହା ଯେପରି ଥିଲା, ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ସେହିପରି ଘଟିବ ।" ଲୋଟଙ୍କ ଦିନ ବିଷୟରେ କ'ଣ ଅଟେ? ଆସନ୍ତୁ କିଛି କ୍ଷଣ ପାଇଁ ଫେରିଯିବା, ଦେଖିବା ଯେ ସେମାନେ କ'ଣ କରୁଥିଲେ ।

62 ଲୋଟଙ୍କ ଦିନରେ ତିନୋଟି ଶ୍ରେଣୀର ଲୋକ ଥିଲେ: ବିଶ୍ୱାସୀ, କୃତ୍ରିମ-ବିଶ୍ୱାସୀ, ଏବଂ ଅବିଶ୍ୱାସୀ । ପ୍ରତ୍ୟେକ ଭିଡ଼ରେ ତାହା ସେହିପରି ହିଁ ଅଟେ, ସେହି ସମାନ ବିଷୟ ।

ଆମେ ପାଉ ଯେ ସଦୋମୀମାନେ ଅବିଶ୍ୱାସୀ ଥିଲେ ।

ଲୋଟ କୃତ୍ରିମ-ବିଶ୍ୱାସୀ ଥିଲେ ।

63 ଅବ୍ରହାମ ବିଶ୍ୱାସୀ ଥିଲେ । ସେ ହିଁ ସେହି ଜଣକା ଥିଲେ ଯାହାଙ୍କ ସହିତ ନିୟମ କରାଯାଇଥିଲା । ସେ ହିଁ ସେହି ଜଣକା ଥିଲେ ଯିଏକି ଏକ ପ୍ରତିଜ୍ଞାତ ପୁତ୍ରର ଅପେକ୍ଷା କରୁଥିଲେ । ସେ ହିଁ ସେହି ଜଣକା ଥିଲେ ଯିଏକି ତାହାର ଆଶା କରୁଥିଲେ । ଆମେନ୍ । (ମୁଁ ମୋ' ନିଜକୁ "ଆମେନ୍" କରୁ ନାହିଁ । *ଆମେନ୍*ର ଅର୍ଥ "ସେହିପରି ହିଁ ହେଉ!") ଆଉ ତାହା ଠିକ୍ ଅଟେ । ଅବ୍ରହାମ ସଦୋମରେ ନ ଥିଲେ । ଅବ୍ରହାମ ସଦୋମରୁ ଉପରେ ଓ ବାହାରେ ଥିଲେ । ସେ ଆଜିର ଏକ ପ୍ରକାର ଆତ୍ମିକ ମଣ୍ଡଳୀର ପ୍ରତିରୂପ ଅଟନ୍ତି ।

64 ଲୋଟ ଏବେ ସୁଦ୍ଧା ସଦୋମରେ ରହିଥିବା ଏକ ନାମଧାରୀ ମଣ୍ଡଳୀର ପ୍ରତିଚିତ୍ରଣ ଅଟେ । ଦେଖନ୍ତୁ ଯେ, ବାଇବଲ ଏହା ବ୍ୟକ୍ତ କରେ, "ସଦୋମର ପାପଗୁଡ଼ିକ ତା'ର ଧର୍ମପରାୟଣ ପ୍ରାଣକୁ ପ୍ରତିଦିନ ଯନ୍ତ୍ରଣା ଦେଉଥିଲା ।" ତାହା ବିରୁଦ୍ଧରେ ଛିଡ଼ା ହେବା ପାଇଁ ତା'ର ଯଥେଷ୍ଟ ସାହସ କାହିଁକି ନ ଥିଲା? ଆଜି ଗୋଟିଏ ମଣ୍ଡଳୀରେ ଅନେକେ ଏହି ପ୍ରକାର ଭଲ ଲୋକମାନେ ବସି ରହିଛନ୍ତି, ଯେଉଁମାନେକି ବାହାରକୁ ଅନାନ୍ତି ଓ ମହିଳାମାନଙ୍କୁ ସାନ ସାନ ପେଣ୍ଟ ପିନ୍ଧିଥିବା ଏବଂ ପୁରୁଷମାନଙ୍କୁ ଏହିସବୁ କାମ କରୁଥିବାର ଦେଖନ୍ତି, ଏବଂ ସେମାନଙ୍କର ସଦସ୍ୟମାନଙ୍କୁ ରବିବାର ଦିନ ବାହାରକୁ ଯାଇ, ଗଲଫ୍ ଖେଳୁଥିବାର ଦେଖନ୍ତି,

ପୁଣି ମଣ୍ଡଳୀକୁ ଆସିବା ପରିବର୍ତ୍ତେ ପିକନିକ୍ ମୌଜ କରୁଥିବାର, ଏବଂ ସନ୍ତରଣ କ୍ରୀଡ଼ା ଓ ବିଷୟଗୁଡ଼ିକୁ କରୁଥିବାର ଦେଖନ୍ତି। ବୁଧବାର ରାତ୍ରି ମଣ୍ଡଳୀକୁ ଆସିବା ପରିବର୍ତ୍ତେ, ଘରେ ବସି, ଟେଲିଭିଜନ ଦେଖନ୍ତି। ସେମାନେ ଏହା ବିଷୟରେ କିଛି କହିବା ଭଳି ଅନୁଭବ କରନ୍ତି, ମାତ୍ର ବୋର୍ଡ଼ ସେମାନଙ୍କୁ ବାହାର କରିଦେବ। ମାମଲା କ'ଣ ଅଟେ? ଏହା ପୁଣି ଥରେ ଲୋଟ ଅଟେ, ଯିଏକି ତା'ର ଝରକାରୁ ବାହାରକୁ ଅନାଉ ଅଛି ଓ ପାପକୁ ଦେଖୁଅଛି, ଆଉ ପାପକୁ "ପାପ" ବୋଲି କହିବାରେ ଭୟ କରୁଅଛି!

65 ଅବ୍ରହାମ ସେମାନଙ୍କର ବିଶୃଙ୍ଖଳାରେ ନ ଥିଲେ, ସେ ସେଥିରୁ ବାହାରେ ଥିଲେ। ସେ ତ ଆତ୍ମିକ ମଣ୍ଡଳୀର ଏକ ପ୍ରତିରୂପ ଥିଲେ। ତେବେ ଦେଖନ୍ତୁ ଯେ ଠିକ୍ ଶେଷ ସମୟରେ, ନିଆଁ ପଡ଼ିବାର ଠିକ୍ ପୂର୍ବରୁ କ'ଣ ଘଟିଥିଲା। ଆଉ ସେମାନେ ବିଜାତୀୟମାନେ ଥିଲେ। ତାହା ତ ଆଜିର ବିଜାତୀୟ ଜଗତ ଉପରେ ନିଆଁ ପଡ଼ିବାର ପୂର୍ବପ୍ରତୀକ ଥିଲା, ଯେତେବେଳେକି ରାଜ୍ୟଗୁଡ଼ିକ ବିଖଣ୍ଡିତ ହେବ ଏବଂ ସେମାନେ ଦଗ୍ଧ କରାଯିବେ। "ସ୍ୱର୍ଗ ନିଆଁରେ ଜଳି ଉଠିବ," ସଦାପ୍ରଭୁ କୁହନ୍ତି, "ଏବଂ ସେମାନେ ପ୍ରଚଣ୍ଡ ଉତ୍ତାପରେ ଜଳି ଉଠିବେ।" ଏହା ତ ତାହାର ପ୍ରତିଛାୟା ଥିଲା।

66 ତେବେ ଆସନ୍ତୁ ସେମାନଙ୍କୁ ଚିତ୍ରାଙ୍କିତ କରିବା। ଏଠାରେ ଅବ୍ରହାମ ପୂର୍ବରୁ ବାହାରେ ଅଛନ୍ତି, ସଦୋମରେ ନାହାଁନ୍ତି, ସେ ସଦୋମରୁ ବାହାରେ ଥିଲେ। ଲୋଟ ଏବେ ବି ସଦୋମରେ ଥିଲେ।

67 ବିଚିତ୍ର ବିଷୟ, ଦିନେ ଏକ ଗରମ ସକାଳରେ, ପ୍ରାୟଃ ଏଗାରଟା ବେଳେ ଏହା ସେତିକି ସମୟ ହୋଇଥିବ, ସେ ତିନୋଟି ପୁରୁଷଙ୍କୁ ଆସୁଥିବାର ଦେଖିଲେ, ସାଧାରଣ ପୁରୁଷ, ରାସ୍ତାରେ ଚାଲି ଚାଲି, ମାର୍ଗରେ ଆସୁଥିବାର ଦେଖିଲେ। ଅବ୍ରହାମ ଅଲୋନ ବୃକ୍ଷ ମୂଳେ, ବିଶ୍ରାମ ନେବା ପାଇଁ ବସିଥିଲେ। ସେ ବୋଧହୁଏ ସେଦିନ ସକାଳରେ ପଶୁପଲଙ୍କ ସହିତରେ, ବାହାରକୁ ଯାଇଥିଲେ, ପ୍ରାୟଃ ଖରାବେଳେ, ଫେରି ଆସିଥିଲେ। ଆଉ ସେ ତିନୋଟି ପୁରୁଷଙ୍କୁ ଆସୁଥିବାର ଦେଖିଲେ। ଏବଂ ସେହି ପୁରୁଷମାନଙ୍କ ବିଷୟରେ କିଛି ଗୋଟାଏ ବିଷୟ ଥିଲା, ଯାହାକି, ଏକ ଘଣ୍ଟିକୁ ବଜାଇଥିଲା। ହେ ମୋର ପ୍ରଭୁ!

68 ପରମେଶ୍ୱରଙ୍କ ବିଷୟରେ ସର୍ବଦା କିଛି ଗୋଟାଏ ବିଷୟ ଅଛି, ଯେତେବେଳେ ତାହା ଲୋକମାନଙ୍କ ମଧ୍ୟକୁ ଆସେ, ଏହା ଏକ ଘଣ୍ଟିକୁ ବଜାଇଥାଏ। ସେମାନେ ତାହା ଜାଣନ୍ତି। ସେଠାରେ କିଛି ଗୋଟାଏ ବିଷୟ ଅଛି ଯାହାକି ସେମାନଙ୍କୁ କହିଥାଏ, ସେଠାରେ ଏକ ପ୍ରମାଣ ଥାଏ।

69 ଅବ୍ରହାମ ଶୀଘ୍ର ଦୌଡ଼ିଗଲେ, ଏବଂ କହିଲେ, "ହେ ମୋ'ର ପ୍ରଭୁ, ଆସନ୍ତୁ ଆଉ ମୁଁ ଟିକିଏ ଜଳ ଆଣି ଦେଉଅଛି, ତାହାକୁ ନେଇ ଆପଣଙ୍କର ପାଦପ୍ରକ୍ଷାଳନ କରିବାକୁ ଦିଅନ୍ତୁ, ଏବଂ ଆପଣଙ୍କ ଭୋଜନ ନିମନ୍ତେ ଏକ ରୋଟୀ ନେଇ ଆସିବାକୁ ଦିଅନ୍ତୁ, ଆଉ ତା' ପରେ ଆପଣ ନିଜ ମାର୍ଗରେ, ଚାଲି ଯାଇପାରନ୍ତି।" ଏଣୁ ସେ ବୁଲି ପଡ଼ିଲେ। ସେ ଗୋଠକୁ ଦୌଡ଼ି ଗଲେ

ଓ ଏକ ଗୋବତ୍ସ ନେଲେ ଏବଂ ତାହାକୁ ବଧ କଲେ, ତାହାକୁ ପ୍ରସ୍ତୁତ କରିବା ପାଇଁ ଜଣେ ସେବକକୁ ଦେଇ ଦେଲେ । ତାହାଙ୍କ ତଳେ ଥିବା, ତମ୍ବୁକୁ ଗଲେ, ଏବଂ ସାରାଙ୍କୁ କିଛି ମଇଦା ଚକଟି, କିଛି ପ୍ରସ୍ତୁତ କରିବା ପାଇଁ, କିମ୍ବା କିଛି ଖାଦ୍ୟବସ୍ତୁ ପ୍ରସ୍ତୁତ କରିବା ପାଇଁ କହିଲେ, କିଛି ରୋଟୀ କରିବା ପାଇଁ, ତନ୍ଦୁରରେ ପିଠା ପ୍ରସ୍ତୁତ କରିବା ପାଇଁ କହିଲେ । ତାହା ନେଇକି ଆସିଲେ ଏବଂ ପରିବେଷଣ କଲେ । ଯେତେବେଳେ ସେମାନେ ସେଠାରେ ବସି, ଭୋଜନ କରୁଥିଲେ, ସେମାନେ ଲକ୍ଷ୍ୟ କରିବାକୁ ଆରମ୍ଭ କଲେ, ଯେ ଏହି ବ୍ୟକ୍ତି ସଦୋମ ଆଡ଼କୁ ଚାହିଁ ରହୁଁଥିଲେ । ଆଉ ସେ କହିଲେ…

70 ସେମାନଙ୍କ ମଧ୍ୟରୁ ଦୁଇ ଜଣ, ମନେରଖନ୍ତୁ, ସଦୋମକୁ ଗଲେ । ଦୁଇ ଜଣ ସଦୋମକୁ ଗଲେ । ଦୟାକରି ଏହାକୁ ବୁଝିବାରେ ବିଫଳ ହୁଅନ୍ତୁ ନାହିଁ । ଯୀଶୁ ଯାହା କହିଛନ୍ତି ମୁଁ ତାହାକୁ ହିଁ ଉଲ୍ଲେଖ କରୁଛି । ସେମାନଙ୍କ ମଧ୍ୟରୁ ଦୁଇ ଜଣ ଲୋଟକୁ ଆଣିବା ପାଇଁ ଏବଂ ସେଠାରେ ତଳେ ଯିଏ ବାହାରକୁ ଅଣାଯିବା ହେତୁ ପ୍ରସ୍ତୁତ ରହିଥା'ନ୍ତି ତାହାକୁ ଆଣିବା ପାଇଁ ସଦୋମକୁ ଗଲେ । ଆଉ ସେହି ଦୁଇ ଜଣ ଯେଉଁମାନେକି ସେଠାକୁ ତଳକୁ ଗଲେ, ସେଠାରେ ତଳକୁ ଗଲେ ଓ ପ୍ରଚାର କଲେ । (ଆଉ ସେଠାରେ ଜଣେ ଅବ୍ରହାମଙ୍କ ସହିତ ରହିଗଲେ । ଧ୍ୟାନ ଦିଅନ୍ତୁ ସେ ଯେଉଁ ଚିହ୍ନ ସାଧନ କଲେ ।) ସେମାନଙ୍କର ସେଠାରେ ତଳେ ଏକ ଚିହ୍ନ ରହିଥିଲା, ସେଠାରେ ଥିଲା…ସେହି ସଦୋମୀମାନେ ଅନ୍ଧ କରା ଯାଇଥିଲେ । ସୁସମାଚାରର ପ୍ରଚାର ସର୍ବଦା ଅବିଶ୍ୱାସୀମାନଙ୍କୁ ଅନ୍ଧ କରି ଦେଇଥାଏ । ଆଉ ଧ୍ୟାନ ଦିଅନ୍ତୁ ଯେ ତାହା କ'ଣ କଲା ।

71 ତେବେ, ଏଠାରେ ଜଣେ ଛିଡ଼ା ହୋଇଛନ୍ତି ଓ ଅବ୍ରହାମଙ୍କ ସମ୍ମୁଖରେ ଏକ ଚିହ୍ନ ସାଧନ କରିଛନ୍ତି ।

72 ବର୍ତ୍ତମାନ, କ'ଣ ଆପଣମାନେ କେବେ ଧ୍ୟାନ ଦେଲେ କି? ଯେକୌଣସି ଇତିହାସକାର, ଶାସ୍ତ୍ର ଅନୁସରଣ କରନ୍ତୁ, ଇତିହାସ ଅନୁସରଣ କରନ୍ତୁ, ମଣ୍ଡଳୀ ଯୁଗଗୁଡ଼ିକରେ ଏପରି କୌଣସି ହେଲେ ସମୟ ରହି ନ ଥିଲା ଯେଉଁଠାରେକି ଜଣେ ବ୍ୟକ୍ତି କେବେ ଜଗତରେ ଥିବା ନାମମାତ୍ର ମଣ୍ଡଳୀଗୁଡ଼ିକ ନିକଟକୁ, ସେଠାରେ ନାମଧାରୀ ସଂସ୍ଥାଗୁଡ଼ିକ ନିକଟକୁ ଯାଇଥିଲେ, ସେଠାରେ ଏପରି କୌଣସି ହେଲେ ବ୍ୟକ୍ତି କେବେ ରହି ନାହାଁନ୍ତି ଯାହାଙ୍କରକି ନାମ ଅବ୍ରହାମ ପରି, ହା-ମ-ରେ ସମାପ୍ତ ହୋଇଥାଏ । ମାତ୍ର ଆଜି ସେମାନଙ୍କର ଜଣେ ଅଛନ୍ତି, ଗ୍ରା-ହା-ମ । ତାହା ଠିକ୍ । ସେଠାରେ ତଳକୁ ଯାଇ, ସେମାନଙ୍କୁ ବାହାରକୁ ଡାକୁଛନ୍ତି । ସେ ଏହା ଦ୍ୱାରା ଏକ ଅଦ୍ଭୁତ କାର୍ଯ୍ୟ କରୁଅଛନ୍ତି । ଗ୍ରାହାମ, ବିଲି ଗ୍ରାହାମ, ପରମେଶ୍ୱରଙ୍କ ସେବକ ସେହି ନାମଧାରୀ ସଂସ୍ଥାମାନଙ୍କ ମଧ୍ୟରେ, ରାଜନେତାମାନଙ୍କ ମଧ୍ୟରେ, ଏବଂ ପ୍ରଭୃତିଙ୍କ ମଧ୍ୟରେ, ତାହାକୁ ଆଘାତ କରୁଛନ୍ତି ।

73 ଅନ୍ୟ ଦିନ ଯେତେବେଳେ ସେମାନେ ଚାହିଁଲେ ଯେ ସେ ରାଷ୍ଟ୍ରପତି ନିମନ୍ତେ ପ୍ରାର୍ଥୀ ହୁଅନ୍ତୁ, ସେ ଏହାକୁ ସୀଧାସଳଖ ଖଣ୍ଡନ କରି ଦେଇଥିଲେ । ଏଥିପାଇଁ, ପରମେଶ୍ୱର ତାଙ୍କୁ ଆଶୀର୍ବାଦ କରନ୍ତୁ । କାହିଁକି, ସେହି ମଦ କମ୍ପାନୀଗୁଡ଼ିକ, ତାହା ଯେପରି ଭାବରେ କାର୍ଯ୍ୟ

କରନ୍ତି ସେ ତ କଦାପି ତା'ର ପ୍ରଥମ ଆଧାରକୁ ପହଞ୍ଚିବେ ନାହିଁ । ସେମାନେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବେ, କାରଣ ସେ ତ ସେମାନଙ୍କୁ ଯେକୌଣସି ପ୍ରକାରେ ହେଲେ ବାହାର କରି ଦେଇଥା'ନ୍ତେ, ସେହି ସିଗାରେଟ୍ କମ୍ପାନୀଗୁଡ଼ିକ ଏବଂ ସେହିପରି ବିଷୟସବୁ । ଦେଖନ୍ତୁ, ସେ ତ ସେଠାରେ ସଦୋମୀମାନଙ୍କ ପାଇଁ ପରମେଶ୍ୱରଙ୍କ ଦୂତ ଭାବରେ ରହିଛନ୍ତି । ତାହା ଠିକ୍ ଅଟେ ।

74 ମାତ୍ର ମନେରଖନ୍ତୁ, ସେଠାରେ ଜଣେ ଥିଲେ ଯିଏକି ସେଠାରେ ଅବ୍ରହାମଙ୍କ ସହିତ ରହିଥିଲେ, ଅନ୍ୟ ଜଣେ ପୁରୁଷ, ସେହି ଦୁଇ ଜଣ ନୁହଁନ୍ତି ଯେଉଁମାନେକି ସେଠାରେ ତଳକୁ ପ୍ରଚାର କରିବାକୁ ଯାଇଥିବା ସେହି ଆଧୁନିକ ସୁସମାଚାର ପ୍ରଚାରକମାନଙ୍କ ପରି ସେଠାରେ ତଳକୁ ଯାଇଥିଲେ । ଧ୍ୟାନ ଦିଅନ୍ତୁ, ଯେ ସେଠାରେ ଜଣେ ଉପରେ ରହିଥିଲେ । ଦୁଇ ଜଣ *ସେହି* ରାସ୍ତା ଦେଇ ତଳକୁ ଚାଲିଗଲେ, ଏବଂ ଜଣେ *ଏଠାରେ* ଅବ୍ରହାମଙ୍କ ସହିତ ରହିଥିଲେ । ଏବଂ ଅବ୍ରହାମଙ୍କ ସହିତ ରହିଥିବା ଜଣେ ପୁରୁଷ ତାଙ୍କୁ ଏକ ଚିହ୍ନ ଦେଲେ ।

75 ତେବେ ଧ୍ୟାନ ଦିଅନ୍ତୁ, ତାଙ୍କର ନାମ "ଅବ୍ରାମ" ଥିଲା ଆଉ ତାଙ୍କ ସ୍ତ୍ରୀର "ସାରୀ," ଥିଲା ଠିକ୍ ଏହାର ଗୋଟିଏ କିମ୍ବା ଦୁଇ ଦିନ ପୂର୍ବରୁ । ପରମେଶ୍ୱର ତାଙ୍କୁ ଦେଖା ଦେଲେ ଓ କହିଲେ, "ମୁଁ ବର୍ତ୍ତମାନ ତୁମର ନାମ ଅବ୍ରାମରୁ ଅବ୍ରହାମକୁ ପରିବର୍ତ୍ତନ କରୁଅଛି ।" (ଦେଖନ୍ତୁ, ଗ୍ରାହମ G-r-a-h-a-m ହେଉଛି ଛଅ ଅକ୍ଷର, ମଣିଷ ।) ମାତ୍ର ଅବ୍ରାହମ A-b-r-a-h-a-m ହେଉଛି ସାତ, ସାତୋଟି ଅକ୍ଷର; ହାମ h-a-m, ଏକ ହାମ h-a-m ସହିତ ସମାପ୍ତ ହେଉଅଛି ।

76 ତେବେ, ଏଠାରେ ଉପରେ ଆତ୍ମିକ ମଣ୍ଡଳୀରେ, ସେଠାରେ ଅବ୍ରହାମଙ୍କ ପାଇଁ ଜଣେ ଥିଲେ, ଏବଂ ଧ୍ୟାନ ଦିଅନ୍ତୁ ଯେ ସେ କ'ଣ କହିଥିଲେ । ସେ କହିଲେ, "ଅବ୍ରହାମ," ("ଅବ୍ରାମ" ନୁହେଁ) "ଅବ୍ରହାମ, ତୁମ ସ୍ତ୍ରୀ କେଉଁଠାରେ" ("ସା-ର୍ର-ରା" ନୁହେଁ) "ସା-ରା? ତୁମ ସ୍ତ୍ରୀ ସାରା କେଉଁଠାରେ?"

77 ଦେଖନ୍ତୁ ସେ କ'ଣ ଉତ୍ତର ଦେଲେ, "ସେ ଆପଣଙ୍କ ପଛରେ ଥିବା ତମ୍ବୁରେ ଅଛି ।"

78 ତେବେ ସେ କହିଲେ, "ମୁଁ ତୁମକୁ ଦେଖା କରିବି । ମୁଁ ତୁମକୁ ଦେଖା କରିବାକୁ ଯାଉଛି ।" ସେହି ବ୍ୟକ୍ତିଗତ ସର୍ବନାମକୁ ଦେଖନ୍ତୁ, ସେହି ଜଣକାକୁ, ସେହି ପ୍ରତିଜ୍ଞା ଅନୁଯାୟୀ ଯାହା ସେ କରିଥିଲେ । ତାହା ପରମେଶ୍ୱର ଥିଲେ! ସେ କହିଲେ, "ମୁଁ ତୁମକୁ ଦେଖା କରିବାକୁ ଯାଉଅଛି ।"

79 ଆଉ ସାରା, (ଏକ ପ୍ରକାରେ ଯେପରିକି ଆମେ ସମସ୍ତେ ବୁଝିପାରିବା) ମନେ ମନେ, ନିଜ ଭିତରେ ହସିଲେ, ସେ କହିଲେ, "ମୁଁ, ଜଣେ ବୃଦ୍ଧ ସ୍ତ୍ରୀଲୋକ, ଶହେ ବର୍ଷ ବୟସ, ମୋହର ପ୍ରଭୁ" (ଯାହାକି ଅବ୍ରହାମ) "ମଧ୍ୟ ବୃଦ୍ଧ, ଯୁବା ଯୁବତୀଙ୍କ ପରି ଜୀବନର ସମୟ ଅତିବାହିତ ହୋଇସାରିଛି ।" କହିଲେ, "କାହିଁକି, ଆମେ ତ ଆଉ ସେରୂପ ଆନନ୍ଦ ପାଇ ନ ପାରୁ, ମୁଁ ବୃଦ୍ଧ ଅଟେ ଏବଂ ସେ ବି ବୃଦ୍ଧ ।" ଆଉ କହିଲେ, "ଆମର ତାହା ହୋଇପାରିବ ନାହିଁ ।" ଏବଂ କହିଲେ, "କିପରି ହେବ? ଏହି ବିଷୟଗୁଡ଼ିକ ତ ହୋଇପାରିବ ନାହିଁ!"

80 ଏବଂ ସେହି—ସେହି ପୁରୁଷ (ମାନବ ଶରୀରରେ ପରମେଶ୍ୱର) କହିଲେ, "ସାରା ଏସବୁ ବିଷୟ କହି, କାହିଁକି ହସିଲା ଏବଂ ସନ୍ଦେହ କଲା?" ତମ୍ବୁରେ, ତାହାଙ୍କ ପଛରେ ।

81 ତେବେ ଦେଖନ୍ତୁ, ଯଦି ସେହି ସମାନ ସେବାକାର୍ଯ୍ୟଟି ଯୀଶୁ ଖ୍ରୀଷ୍ଟଙ୍କର ନ ଥିଲା କି! ସେ ଶ୍ରୋତାବୃନ୍ଦଙ୍କ ଆଡ଼କୁ ଚାହିଁଥିଲେ ଓ ସେମାନଙ୍କର ଚିନ୍ତା ଭାବନାକୁ ଜାଣିଥିଲେ । ସେ ପିତରଙ୍କୁ କହିଥିଲେ ଯେ ସେ କିଏ ଅଟନ୍ତି ଏବଂ ତାଙ୍କର ପିତାଙ୍କ ନାମ କ'ଣ । ନିଥନିୟେଲଙ୍କୁ କହିଥିଲେ ।

82 କୂଅ ପାଖରେ ଥିବା ସ୍ତ୍ରୀଙ୍କୁ କହିଥିଲେ, ଯେତେବେଳେ ସେ କହିଲା...ସେ କହିଲେ, "ଯାଅ ମୋ' ପାଇଁ ପିଇବାକୁ ଜଳ ଆଣ," କିମ୍ବା "ମୋତେ ପିଇବାକୁ ଦିଅ ।"

83 ସେ କହିଲା, "ମହାଶୟ, ଆପଣଙ୍କର ମୋ' ସହିତ କଥା ହେବା ଏହା ପରମ୍ପରା ନାହିଁ... ଆପଣ ଯିହୁଦୀମାନଙ୍କର ଶମିରୋଣୀୟମାନଙ୍କ ସହିତ କଥାବାର୍ତ୍ତା ହେବା ପରମ୍ପରା ନୁହେଁ । ଆମର ପରସ୍ପର ସହିତ କୌଣସି ବ୍ୟବହାର ନାହିଁ ।"

84 ସେ କହିଲେ, "ମାତ୍ର ଯଦି ତୁମେ ଜାଣିଥା'ନ୍ତ ଯେ ତୁମେ କାହା ସହିତ କଥାବାର୍ତ୍ତା କରୁଅଛ, ତେବେ ତୁମେ ମୋତେ ପିଇବାକୁ ମାଗିଥା'ନ୍ତ ।" ବାର୍ତ୍ତାଳାପ ଚାଲି ରହିଲା । ସେ କହିଲେ, "ଯାଅ ତୁମ୍ଭ ସ୍ୱାମୀକି ଡାକ ଏବଂ ଏଠାକୁ ଆସ ।"

ସେ ଉତ୍ତର ଦେଲା, "ମୋ'ର ସ୍ୱାମୀ ନାହିଁ ।"

ସେ କହିଲେ, "ତୁମେ ଠିକ୍ କହିଛ, କାରଣ ତୁମ୍ଭର ପାଞ୍ଚଟି ଥିଲେ ।"

ସେ ଉତ୍ତର ଦେଲା, "ମହାଶୟ!"

85 ସେହି ପାର୍ଥକ୍ୟକୁ ଦେଖନ୍ତୁ ତାହା ଏବଂ ସେମାନଙ୍କ—ଏବଂ ସେହି ଦିନର ଯାଜକମାନଙ୍କ ମଧ୍ୟରେ, ସେହି ପରିଷଦ ଯିଏକି ଅନ୍ୟ ଦିନର ଚମକରେ ବାସ କରୁଥିଲେ । ସେମାନେ କହିଲେ, "ଏହା ଶୟତାନ ଅଟେ!" ସେମାନଙ୍କୁ ତ ସେମାନଙ୍କର ମଣ୍ଡଳୀକୁ କିଛି ଉତ୍ତର ଦେବାକୁ ପଡୁଥିଲା, 'କାରଣ ଏହା ତାହା ଆବଶ୍ୟକ କରୁଥିଲା ।

86 ମାତ୍ର ଏହି ଗରିବ ଛୋଟ ସ୍ତ୍ରୀଲୋକଟି କ'ଣ କରିଥିଲା, ଯାହାର ହୃଦୟ ଭିତରେ ସେହି ପୂର୍ବନିରୂପିତ ବୀଜ ପଡ଼ି ରହିଥିଲା...ସେ ସେହି ବିଷୟବସ୍ତୁରେ ଅତ୍ୟନ୍ତ ବିରକ୍ତ ଏବଂ ଥକିତ ହୋଇ ଯାଇଥିଲା, ସେ ଏକ ବେଶ୍ୟା ଭାବରେ ରାସ୍ତାରେ ଚାଲି ଯାଇଥିଲା । ମାତ୍ର ଯେତେବେଳେ ସେ ତାହା ଦେଖିଲା, ସେ କହିଲା, "ମହାଶୟ, ଆପଣ ଯେ ଜଣେ ଭାବବାଦୀ ଏହା ମୁଁ ଜାଣି ପାରୁଅଛି । ଆମ ପାଖରେ ଚାରି ଶହ ବର୍ଷ ହେଲାଣି ଗୋଟିଏ ବି ହୋଇନାହାଁନ୍ତି, ଏବଂ ଆମକୁ କୁହାଯାଇଛି ଯେ ଯେତେବେଳେ ମଶୀହ ଆସିବେ ଏହି ବିଷୟଗୁଡ଼ିକୁ ହିଁ ଅଟେ ଯାହା ସେ କରିବେ ।" ହେ ମୋର ପ୍ରଭୁ! ସେଠାରେ ପଡ଼ି ରହିଥିବା ସେହି ବୀଜଟି ଜୀବନକୁ ଉଚ୍ଛୁଳି ଉଠିଲା! କାହିଁକି? ଏହା କୌଣସି ବ୍ୟାଖ୍ୟା ଆବଶ୍ୟକତା କଲା ନାହିଁ ।

87 ଯୀଶୁ କହିଲେ, "ତୁମ୍ଭ ସହିତ କଥା କହୁଅଛି ଯେ ମୁଁ ମୁଁ ସେହି ଅଟେ ।" ତାହା କୌଣସି ବ୍ୟାଖ୍ୟା କରିବା ଆବଶ୍ୟକ କଲା ନାହିଁ । ସେ ସେହି ଆଶ୍ଚର୍ଯ୍ୟକର୍ମ କରିଥିଲେ ଏବଂ ସାକ୍ଷ୍ୟ

ଦେଇଥିଲେ ଯେ ସେ ହିଁ ସେହି ମଶୀହ ଥିଲେ, ଆମେନ୍, ଏବଂ ତାହାର ଅବିକଳ ପ୍ରମାଣ ଦେଇଥିଲେ ଯାହା ପରମେଶ୍ୱର ପ୍ରତିଜ୍ଞା କରିଥିଲେ ("ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ମୋ' ପରି ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଛିଡ଼ା କରିବେ" ମୋଶା କହିଥିଲେ) । ତାହା କ'ଣ ଥିଲା? ଶାସ୍ତ୍ରର ଏକ ସୁପ୍ରମାଣ!

88 ସେ ନଗରକୁ ଦୌଡ଼ିଯାଇ, କହିଲା, "ଆସ, ଜଣେ ବ୍ୟକ୍ତିଙ୍କୁ ଦେଖ ଯିଏ ମୋତେ ମୁଁ ଯାହା ଯାହା କରିଅଛି ସେସବୁ କହିଲେ । କଣ ଏହା ଠିକ୍ ସେହି ଖ୍ରୀଷ୍ଟ ନୁହଁନ୍ତି କି? କ'ଣ ଏହା ସେ ନୁହଁନ୍ତି କି? ମୁଁ ଯାହା ଯାହା କରିଅଛି ସେ ମୋତେ ତାହା କହିଲେ ।"

89 ତେବେ ଧ୍ୟାନ ଦିଅନ୍ତୁ, ଯୀଶୁ, ତାହା ତ ଉପରେ ସେଠାରେ ସେହି ପୁରୁଷ ମଧ୍ୟରେ ସେ ଥିଲେ ଯିଏକି ତାଙ୍କର ପିଠିକୁ ତମ୍ବୁ ଆଡ଼କୁ କରିଥିଲେ ଏବଂ ସାରା ତମ୍ବୁ ଭିତରେ ରହି କ'ଣ ଚିନ୍ତା କରୁଛନ୍ତି ତାହା କହିଥିଲେ ।

90 ପରମେଶ୍ୱରଙ୍କ ବାକ୍ୟ କହେ, ଏବ୍ରୀରେ, ତା'ର 4ର୍ଥ ପର୍ବ, ଯେ...ସେ ଏହା କୁହନ୍ତି, "ପରମେଶ୍ୱରଙ୍କ ବାକ୍ୟ ଦ୍ୱି-ଧାର ଖଡ୍‌ଗଠାରୁ ଅଧିକ ଶକ୍ତିଶାଳୀ ଏବଂ ତୀକ୍ଷ୍ଣତର, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ, ଆଉ ହୃଦୟର ଚିନ୍ତା ଓ ଭାବର ଏକ ସୂକ୍ଷ୍ମ ବିଚାରକ ଅଟେ ।" ଏହା ସେହି ବାକ୍ୟ ଅଟେ! ଆଉ ପ୍ରତ୍ୟେକ ଥର ଯେତେବେଳେ ଜଣେ ଭବିଷ୍ୟଦ୍‌ବକ୍ତା ଆସିଲେ, ସେ ବାକ୍ୟ ସହିତ ଆସିଲେ, ଏବଂ ସେ ସେହି ଯୁଗ ନିମନ୍ତେ ବାକ୍ୟ ଥିଲେ । ପୁଣି ତାହା କ'ଣ କଲା? ଜଣେ ଭାବବାଦୀ କହୁଥିବା ବ୍ୟକ୍ତି ଯିଏକି ହୃଦୟରେ ଥିବା ଚିନ୍ତାଗୁଡ଼ିକୁ ଜାଣିଥିଲେ ।

91 ଏହା ଯୀଶୁ ଖ୍ରୀଷ୍ଟଙ୍କଠାରେ ତାହାକୁ ସାଧନ କରିଥିଲା କାରଣ ସେ ବାକ୍ୟର ପରିପୂର୍ଣ୍ଣତା ଥିଲେ ।

92 ଆଉ ଯୀଶୁ କହିଲେ, "ସଦୋମର ଦିନରେ ଯେପରି ହୋଇଥିଲା, ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ତାହା ସେହିପରି ଘଟିବ ।" ପରମେଶ୍ୱରଙ୍କ ଆତ୍ମା ପୃଥିବୀପୃଷ୍ଠ ଉପରକୁ ମନୁଷ୍ୟମାନଙ୍କ ଏକ ରୂପରେ ଆସିବେ, ପରମେଶ୍ୱର ମାନବ ଶରୀରରେ ପ୍ରକଟିତ ହେବେ (ଆମେନ୍! କ'ଣ ଆପଣ ଏହା ଦେଖୁଛନ୍ତି କି?), ଏବଂ ସେହି ସମାନ ବିଷୟକୁ ସାଧନ କରିବେ ଯାହାକି ସଦୋମରେ ମାନବ ଶରୀରରେ ପରମେଶ୍ୱର କରିଥିଲେ । ମନେରଖନ୍ତୁ, ଯେ ସେମାନେ ଏକ ପ୍ରତିଜ୍ଞାତ ପୁତ୍ରକୁ ଅପେକ୍ଷା କରୁଥିଲେ । ଏବଂ, ଠିକ୍ ତା'ର ପରେ, ସେହି ପ୍ରତିଜ୍ଞାତ ପୁତ୍ର ଆସିଥିଲା । ପ୍ରତିଜ୍ଞାତ ପୁତ୍ର ଆଗମନ ହେବା ପୂର୍ବରୁ ସଦୋମ ଏବଂ ଅବ୍ରହାମଙ୍କ ଗୋଷ୍ଠୀ ସେହି ଶେଷ ଚିହ୍ନଟି ଦେଖିଥିଲେ । କ'ଣ ଆପଣ ତାହା ଲକ୍ଷ୍ୟ କଲେ କି? ଆଉ ବର୍ତ୍ତମାନ ଆତ୍ମିକ ମଣ୍ଡଳୀ ସେହି ଘଟିକାକୁ ଆସି ଯାଇଅଛି ।

93 କେହି ଜଣେ କହିଲେ, "ଭାଇ ବ୍ରାନ୍‌ହାମ୍, କ'ଣ ଆପଣ କହିଲେ କି 'ତାହା ପରମେଶ୍ୱର ଥିଲେ'?"

94 ବାଇବଲ କହେ, ଯେ ତାହା ପରମେଶ୍ୱର ଥିଲେ! ଏହାର କୌଣସି ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ। ସେ ଏଲୋହିମ୍ ଅଟନ୍ତି। ତାହାହିଁ ଅବ୍ରହାମ ତାହାଙ୍କୁ ଡାକିଥିଲେ। ଯେକୌଣସି ବାଇବଲ ପାଠକ ତାହା ଜାଣନ୍ତି। *ଏଲୋହିମ୍,* "ସେହି ସର୍ବ-ସାମର୍ଥୀ ଜଣେ।" ସେ ହିଁ ପ୍ରଥମ, ଶେଷ ଥିଲେ; ଆରମ୍ଭ, ସମାପ୍ତ। ଏଲୋହିମ୍! ଅବ୍ରହାମ ତାହାଙ୍କୁ "ଏଲୋହିମ୍" ଡାକିଲେ। ପରମେଶ୍ୱର (ଏବ୍ରୀ ଭାଷାରେ ବଡ଼ ବଡ଼ ଅକ୍ଷରରେ), ଏଲୋହିମ୍; ଠିକ୍ ଯେପରିକି, "ଆଦ୍ୟରେ ପରମେଶ୍ୱର," ଏଲୋହିମ୍।

95 ସେ ମାନବ ଶରୀରରେ ପ୍ରକଟିତ ଏଲୋହିମ୍ ଥିଲେ, ମାନବୀୟ ପୋଷାକ ପିନ୍ଧିଥିଲେ, ମାନବୀୟ ଭୋଜନ କରିଥିଲେ। ଆମେନ୍! ତାହା ଏକ ଚିହ୍ନ ଯେ ଶେଷ ଦିନରେ ପରମେଶ୍ୱର ପୁନର୍ବାର ନିଜ ଲୋକମାନଙ୍କ ମଧ୍ୟରେ ମାନବ ଶରୀରରେ ଦେଖା ଦେବେ! ଆମେନ୍! ଯୀଶୁ କହିଲେ, "ଏହି ଯେଉଁ କାର୍ଯ୍ୟଗୁଡ଼ିକ ମୁଁ କରୁଅଛି ତୁମେମାନେ ମଧ୍ୟ କରିବ। ଯେପରି ତାହା ସଦୋମର ଦିନରେ ଥିଲା, ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ତାହା ସେହିପରି ଘଟିବ।" ଆମେନ୍! ତାହାର କୌଣସି ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ; ଏହା ତ ପ୍ରକଟୀକରଣ ଆବଶ୍ୟକ କରେ, ଏହାହିଁ ଅଟେ ଯାହାକି ତାହା ଆବଶ୍ୟକ କରେ। ଆମେନ୍। କ'ଣ ଆପଣ ତାହା ବିଶ୍ୱାସ କରନ୍ତି କି?

ଆସନ୍ତୁ ଆମେମାନେ ନିଜର ମସ୍ତକ ନତ କରିବା।

96 ଆମମାନଙ୍କର ସ୍ୱର୍ଗୀୟ ପିତା, ଆଜିରାତ୍ରି ଆମେମାନେ ତୁମକୁ ତୁମର ପ୍ରତିଜ୍ଞାକୁ ଦେଉଅଛୁ ଯେ ତୁମେ ଏହିସବୁ ବିଷୟ କହିଅଛ। ତୁମେ ସେଗୁଡ଼ିକୁ ପ୍ରତିଜ୍ଞା କରିଥିଲ। ତୁମ ବ୍ୟତୀତ ଅନ୍ୟ କେହି ତୁମର ବାକ୍ୟକୁ ଜୀବନ୍ତ କରିପାରେ ନାହିଁ। ତୁମେ କହିଲ, "ଦୀପ୍ତି ହେଉ," ତହିଁରେ ଦୀପ୍ତି ହେଲା। କାହାରିକୁ ଏହାର ବ୍ୟାଖ୍ୟା କରିବାକୁ ପଡ଼ିଲା ନାହିଁ, ଏହା ତ ପ୍ରକଟିତ ହେଲା।

97 ଯେପରିକି ଆମେ ସେହି ଭବିଷ୍ୟଦ୍‌ବକ୍ତା, ଯିଶାଇୟଙ୍କୁ ଉଦ୍ଧୃତ କଲୁ, "ଜଣେ କୁମାରୀ ଗର୍ଭବତୀ ହେବ," ସେ ହେଲା; କୌଣସି ପ୍ରକଟୀକରଣକୁ ଆବଶ୍ୟକ କରେ ନାହିଁ, ସେ ତ ତାହା କଲା। ତାହା ହିଁ ଥିଲା ଯାହାକି ଘଟିଥିଲା।

98 ତୁମେ କହିଥିଲ, ଯେତେବେଳେ ସେ ଆସିବେ ସେ ବେଥଲିହିମରେ ଜନ୍ମ ଗ୍ରହଣ କରିବେ, "ବେଥଲିହିମ, ଯିହୂଦାରୁ। ଯିହୂଦା, ଇସ୍ରାଏଲର ସମସ୍ତ ଅଧିପତିଗଣ ମଧ୍ୟରେ, ତୁମେ କ'ଣ ସବୁଠୁଁ କ୍ଷୁଦ୍ର ନୁହଁ କି? ମାତ୍ର ତୁମ୍ଭ ମଧ୍ୟରୁ ମୋହର ଲୋକମାନଙ୍କର ଶାସନକର୍ତ୍ତା ଆସିବେ।"

99 ଯେଉଁ ବିଷୟଗୁଡ଼ିକ ସେ ସଧାନ କରିବେ, କ୍ରୁଶରେ ସେ କ'ଣ ଚିତ୍କାର କରିବେ, ସେ କିପରି ନିନ୍ଦିତ ହେବେ, ତାଙ୍କ ପାଦ ଓ ହାତକୁ କିପରି ବିଦ୍ଧ କରାଯିବ; "ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ, ଏବଂ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ;

ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା; ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ।"

100 ଦାଉଦ ତାହା କିପରି କହିଥିଲେ, "ମୁଁ ତା'ର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବି ନାହିଁ, କିମ୍ବା ମୋ'ର ପବିତ୍ର ଜନକୁ କ୍ଷୟ ପାଇବାକୁ ଦେବି ନାହିଁ।" ଏବଂ ତୃତୀୟ ଦିନରେ, ଏହା ପୂର୍ବେକି ତାହାଙ୍କ ଶରୀରକୁ କ୍ଷୟ କରିବା ନିମନ୍ତେ ବା-ସ୍ତୁରି ଘଣ୍ଟା ସମୟ ସମ୍ପୂର୍ଣ ହୁଅନ୍ତା, ପରମେଶ୍ୱରଙ୍କ ବାକ୍ୟ କହିଥିଲା, "ସେ ଉଠିବେ।" (ସେମାନେ କହିଲେ ଯେ ସେମାନେ ତାହାଙ୍କ ଶରୀରକୁ ଚୋରି କରି ନେଇଗଲେ; ସେମାନେ ଏବେ ସୁଦ୍ଧା ତାହା ବିଶ୍ୱାସ କରନ୍ତି।) ମାତ୍ର ହେ ପ୍ରଭୁ, ଆମ୍ଭେମାନେ ତୁମ୍ଭର ବାକ୍ୟକୁ, ବିଶ୍ୱାସ କରୁ! ଏହା ପ୍ରକଟିତ କରା ଯାଇଥିଲା। ଯୀଶୁ ଖ୍ରୀଷ୍ଟ ଉତ୍‌ଥିତ ହେଲେ ଏବଂ ସେ କହିଲେ, "ମୁଁ ରହିବି...ଦେଖ, ମୁଁ ସଦାସର୍ବଦା ତୁମ ସହିତରେ ଅଛି, ଏପରିକି ଜଗତର ଶେଷ ପର୍ଯ୍ୟନ୍ତ ଅଛି।"

101 ଆମେ ବିଶ୍ୱାସ କରୁ ଯେ ତୁମେ ଆଜିରାତ୍ରିରେ ଏଠାରେ ଅଛ। ଆମେ ବିଶ୍ୱାସ କରୁ ଯେ ତୁମେ ଆଜିରାତ୍ରିରେ ଏଠାରେ, ଠିକ୍ ସେହି ଯୀଶୁ ଖ୍ରୀଷ୍ଟ ଅଟ, ଯେତିକି ତୁମେ କେବେ ରହିଥିଲ। ଆଉ ତୁମେ କେବଳ ଆଖି, ହାତ, ଗୋଡ଼, ପାଟି, ପ୍ରାଣ, ଶରୀରମାନଙ୍କୁ ଖୋଜୁଅଛ, ଯାହାକୁ ତୁମେ ଆପଣାକୁ ପ୍ରକଟିତ କରିବା ନିମନ୍ତେ ବ୍ୟବହାର କରିପାରିବ। ପରମେଶ୍ୱର, ଆଜିରାତ୍ରି ଆମମାନଙ୍କୁ ପବିତ୍ରିକୃତ କର, ଯେପରିକି ଆମେମାନେ ଜୀବନ୍ତ ଯୀଶୁ ଖ୍ରୀଷ୍ଟଙ୍କୁ ଆମମାନଙ୍କ ମଧ୍ୟରେ ବାସ କରୁଥିବାର ଦେଖିପାରୁ। ହେବାକୁ ଦିଅ ଯେ ସେ ଆସନ୍ତୁ! ତା'ପରେ ସେହି ବିଷୟ ସଂଘଟିତ ହେବ, ଯେପରିକି ସେହି ଦିନ ଆସିଥିବା ଗ୍ରୀକ୍ ନିବାସୀ ଲୋକମାନଙ୍କର କ୍ଷୁଧା ରହିଥିଲା, ଏବଂ ସେମାନେ କହିଥଲେ, "ମହାଶୟ, ଆମେ ଯୀଶୁଙ୍କୁ ଦେଖିବା।" ଆଉ ସେମାନେ ତାହାଙ୍କୁ ଦେଖିବାକୁ ପାଇଲେ। ଓଃ, ଯେତେବେଳେ ସେମାନେ ତାହାଙ୍କୁ ଅନାଇଲେ ନିଶ୍ଚୟ ତାହା କେଡ଼େ ରୋମାଞ୍ଚକର ହୋଇଥିବ!

102 ପରମେଶ୍ୱର, ତୁମେ ଆଜି ସେହି ସମାନ ଅଟ। ଆଉ ତୁମେ ପ୍ରତିଜ୍ଞା କରିଛ ଯେ ଯଦି ଆମେ କ୍ଷୁଧିତ ହେବୁ ତେବେ ଆମେ ତୁମକୁ ଦେଖିପାରିବୁ। "ଆଉ ଅଳ୍ପ ସମୟ, ଏବଂ ଜଗତ ମୋତେ ଦେଖିବ ନାହିଁ" (ସେହି ଅବିଶ୍ୱାସୀ); "ମାତ୍ର ତଥାପି ତୁମେ ମୋତେ ଦେଖିବ, କାରଣ ମୁଁ ତୁମ ସହିତରେ ରହିବି, ଏପରିକି ଜଗତର ଶେଷ ଯାଏଁ, ତୁମ ଅନ୍ତରରେ ରହିବି।" ଆମେ ଜାଣୁ ଯେ ତୁମେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟ।

103 ପ୍ରଭୁ, ବାକ୍ୟଗୁଡ଼ିକ କୁହା ଯାଇଅଛି, ଏହା ତ ଲେଖା ଯାଇଅଛି, ବର୍ତ୍ତମାନ ପରମେଶ୍ୱରଙ୍କ ଗୌରବ ନିମନ୍ତେ, ହେବାକୁ ଦିଅ ଯେ ତାହା କରାଯାଉ, ଯେପରିକି ଏହା ଦର୍ଶାଇବ ଯେ ସେ ତାହାଙ୍କର ବାକ୍ୟକୁ ରକ୍ଷା କରନ୍ତି। ଆମେନ୍। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

104 ମୁଁ ପ୍ରାର୍ଥନା ଧାଡ଼ିକୁ ଡାକିବାକୁ ଯାଉଅଛି। ମୁଁ ବିଶ୍ୱାସ କରେ ଯେ ବିଲି କହିଲା ସେ ପ୍ରାର୍ଥନା କାର୍ଡ଼ଗୁଡ଼ିକୁ ଦେଇ ସାରିଛନ୍ତି, ଏକରୁ ଶହେ ପର୍ଯ୍ୟନ୍ତ, କିଅବା ସେହିପରି କିଛି। ସେ ଠିକ୍

ବର୍ତ୍ତମାନ ଏଠାରେ ନାହାଁନ୍ତି । କ'ଣ...ପ୍ରାର୍ଥନା କାର୍ଡ଼ ସଂଖ୍ୟା କେତେ ଅଟେ...କେହି ଜଣେ ତୁମର ପଛରେ ତୁମର ତାହା ଦେଖନ୍ତୁ...ଏହା ହୋଇଥିବ—ଏହା ଏକ ସଂଖ୍ୟା ହୋଇଥିବ ଏବଂ ଏକ—ଏବଂ ଏକ ଅକ୍ଷର ହୋଇଥିବ (A, B, C, D, କିମ୍ୱା...) । ତାହା କ'ଣ ଅଟେ, A? ଠିକ୍ ଅଛି ।

105 ଆସନ୍ତୁ A ନେବା, ସଂଖ୍ୟା ଏକ, ଦୁଇ, ତିନି, ଚାରି, ପାଞ୍ଚ । ଠିକ୍ ଏହିପରି ଛିଡ଼ା ହେବାର ଆରମ୍ଭ କରନ୍ତୁ । A, ସଂଖା ଏକ, ସଂଖା ଦୁଇ, ସଂଖା ତିନି, ସଂଖା ଚାରି । ଚାରି, ମୁଁ ତାହାଙ୍କୁ ଛିଡ଼ା ହେବାର ଦେଖିଲି ନାହିଁ । ପ୍ରାର୍ଥନା କାର୍ଡ଼ ସଂଖ୍ୟା ଚାରି । ଏକ, ଦୁଇ, ତିନି । ପ୍ରାର୍ଥନା...ବୋଧହୁଏ ସେମାନେ ଛିଡ଼ା ହୋଇପାରନ୍ତି ନାହିଁ । ଯଦି ସେମାନେ ପାରୁନାହାଁନ୍ତି, ତେବେ କେହି ଜଣେ ନିଜର ପଡ଼ୋଶୀଙ୍କ କାର୍ଡ଼କୁ ଦେଖନ୍ତୁ, ହୋଇପାରେ ତାଙ୍କ ପାଖରେ ଏକ କାର୍ଡ଼ ଥିବ ଆଉ ସେ ଛିଡ଼ା ହୋଇ ପାରୁନାହାଁନ୍ତି । ତେବେ ଶୀଘ୍ର । ତାହା ସେଠାରେ ଅଟେ, ଚାରି । ପାଞ୍ଚ, ପ୍ରାର୍ଥନା କାର୍ଡ଼ ସଂଖ୍ୟା ପାଞ୍ଚ । ଛଅ, ସାତ, ଆଠ, ନଅ, ଦଶ, ଏଗାର, ବାର । ତେବେ ଆପଣଙ୍କର ସଂଖ୍ୟାଗୁଡ଼ିକ ଡକାଯିବାବେଳେ ଠିକ୍ ଏଠାରେ ଉପରକୁ ଆସିବାକୁ ଆରମ୍ଭ କରି ଦିଅନ୍ତୁ । ସଂଖ୍ୟା ଏକ, ଦୁଇ, ତିନି, ଠିକ୍ ଏହି ପଥ ଦେଇ ଏଠାକୁ ଆସନ୍ତୁ । ପ୍ରାର୍ଥନା କାର୍ଡ଼ ସଂଖ୍ୟା ଏକ, ଦୁଇ, ତିନି, ଚାରି, ପାଞ୍ଚ, ଛଅ, ସାତ, ଆଠ, ନଅ, ଦଶ, ଏଗାର, ଠିକ୍ ନିଜର ସ୍ଥାନଗୁଡ଼ିକ ଗ୍ରହଣ କରି ନିଅନ୍ତୁ । ଏଗାର, ବାର, ତେର, ଚଉଦ, ପନ୍ଦର, ଷୋହଳ, ସତର, ଅଠର, ଉଣେଇଶି, କୋଡ଼ିଏ, ଏକୋ-ଇଶି, ବା-ଇଶି, ତେ-ଇଶି, ଚ-ବିଶି, ପ-ଚିଶି । ସେଠାରେ ଏପରି କେହି ଅଛନ୍ତି ଯିଏକି ପାରନ୍ତି ନାହିଁ...

106 ମୁଁ ସେଠାରେ ପଛରେ ଜଣେ ଯୁବା ଲୋକଙ୍କୁ ହ୍ୱିଲ ଚେୟାରରେ ଦେଖୁଅଛି । ପୁଅ, ଯଦି ତୁମର ସଂଖ୍ୟା ଡକାଯାଏ, ଏବଂ—ଏବଂ ଯଦି ତୁମେ ନ ଆସିପାର...ତେବେ, କେବଳ ନିଜର ହାତକୁ ଉଠାଇ ଦେବ, ଆମେ ବ୍ୟବସ୍ଥା କରିବା ଯେ ତୁମେ ଯେପରି ଏଠାକୁ ଆସିପାର । ବୁଝିଲେ?

107 ଏଠାରେ ଏପରି କେତେ ଜଣ ଅଛନ୍ତି ଯେଉଁମାନଙ୍କରକି ପ୍ରାର୍ଥନା କାର୍ଡ଼ ନାହିଁ ଏବଂ ତଥାପି ଆପଣମାନେ ଅସୁସ୍ଥ ଅଛନ୍ତି? ଆସନ୍ତୁ ଆପଣଙ୍କର ହାତଗୁଡ଼ିକ ଦେଖିବା, ଯେକୌଣସିଠାରେ ବି । ଠିକ୍ ଏଠାରେ, ତାହା ଠିକ୍, ନିଜର ହାତ ଉପରକୁ ଉଠାନ୍ତୁ । କ'ଣ ଆପଣ ବିଶ୍ୱାସ କରନ୍ତି? ଯେତେବେଳେ ସେମାନେ ସେମାନଙ୍କୁ ଏକାଠି କରୁଅଛନ୍ତି, କ'ଣ ଆପଣ ଏହା ବିଶ୍ୱାସ କରନ୍ତି, ଯେ ସେ ଗତକାଲି ଓ ଚିରଦିନ ସମାନ ଅଟନ୍ତି? କେତେ ଜଣ? ଏହି ସେବକମାନଙ୍କୁ ଦେଖନ୍ତୁ; ଭାଇମାନେ, ଶାସ୍ତ୍ର କ'ଣ ଆଜି ଏହା କହେ ନାହିଁ, ଯେ ସେ ଜଣେ ମହାଯାଜକ ଅଟନ୍ତି ଯାହାଙ୍କୁ ଆମର ଦୁର୍ବଳତାର ଅନୁଭବ ଦ୍ୱାରା ସ୍ପର୍ଶ କରା ଯାଇପାରେ? କ'ଣ ଏହା ଠିକ୍ ଅଟେ? କେତେ ଲୋକ ତାହା ବିଶ୍ୱାସ କରନ୍ତି, ନିଜର ହାତ ଉଠାନ୍ତୁ? ସେ ଜଣେ ମହାଯାଜକ ଅଟନ୍ତି ଯାହାଙ୍କୁ ଆମର ଦୁର୍ବଳତାର ଅନୁଭବ ଦ୍ୱାରା ସ୍ପର୍ଶ କରା ଯାଇପାରେ ।

108 ତା'ପରେ ଯଦି ବାଇବଲ କହେ, "ସେ ଗତକାଲି ଓ ଚିରଦିନ ସମାନ ଅଟନ୍ତି," କେତେ ଲୋକ ତାହା ବିଶ୍ୱାସ କରନ୍ତି? ତାହାହେଲେ ସେ ଆଜି କିପରି ଭାବରେ ବ୍ୟବହାର କରିବେ? ତାହାଙ୍କୁ ତ ସେହିପରି ଭାବରେ ବ୍ୟବହାର କରିବାକୁ ପଡ଼ିବ ଯେପରି ସେ ଗତକାଲି କରିଥିଲେ। କ'ଣ ତାହା ଠିକ୍ ଅଟେ? ଆଜିରାତ୍ରି ସେ କେଉଁଠାରେ ଅଛନ୍ତି? ମହାମହୀମଙ୍କ ଡାହାଣ ପଟରେ ବସିଛନ୍ତି, ତାହାଙ୍କ ଶରୀର; ଆଉ ପବିତ୍ରଆତ୍ମା ତାହାଙ୍କୁ ପ୍ରକାଶ କରିବା ନିମନ୍ତେ, ଏଠାରେ ଏହି ଭବନରେ ଅଛନ୍ତି।

109 ଧ୍ୟାନ ଦିଅନ୍ତୁ, ବର୍ତ୍ତମାନ ଦେଖନ୍ତୁ। କ'ଣ ହୋଇଥିଲା ଯେତେବେଳେ ବିଗତ ସମୟରେ କେହି ଜଣେ ସେଠାରେ ତାହାଙ୍କର ବସ୍ତ୍ରକୁ ଛୁଇଁଥିଲା, ଦିନେ ଜଣେ ସ୍ତ୍ରୀଲୋକଟିଏ? ତାହା ପାଖରେ ଗୋଟିଏ ପ୍ରାର୍ଥନା କାର୍ଡ଼ ନ ଥିଲା, ଆମେମାନେ କହିବା, ମାତ୍ର ସେ ତାହାଙ୍କର ବସ୍ତ୍ରକୁ ଛୁଇଁଥିଲା। ଆଉ ଯେତେବେଳେ ସେ ତାହାଙ୍କର ବସ୍ତ୍ରକୁ ଛୁଇଁଥିଲା, ଯୀଶୁ ବୁଲି ପଡ଼ିଲେ ଓ କହିଲେ, "କିଏ ମୋତେ ଛୁଇଁଲା?"

110 ପିତର ଯୀଶୁଙ୍କୁ ଭର୍ତ୍ସନା କରି, କହିଲେ, "କାହିଁକି, ପ୍ରଭୁ, ତାହା ତ ବୁଦ୍ଧିମାନ ଲୋକର କଥା ପରି ଶୁଭା ଯାଏନାହିଁ। କାହିଁକି, ସମସ୍ତେ ତ ଆପଣଙ୍କୁ ଛୁଇଁବାକୁ ଚେଷ୍ଟା କରୁଛନ୍ତି। କାହିଁକି କହୁଛ, 'କିଏ ମୋତେ ଛୁଇଁଲା?'"

111 ସେ କହିଲେ, "ମାତ୍ର ମୁଁ ଅନୁଭବ କଲି ଯେ ମୁଁ ଦୁର୍ବଳ ହୋଇପଡ଼ିଲି।" କେତେ ଜଣ ତାହା ଜାଣନ୍ତି? *ସଦଗୁଣ*, ଯାହାର ଅର୍ଥ "ଶକ୍ତି," ତାହାଙ୍କଠାରୁ ବାହାରି ଗଲା। "ମୁଁ ଦୁର୍ବଳ ହୋଇପଡ଼ିଲି, କେହି ଜଣେ ମୋତେ ଏକ ଭିନ୍ନ ପ୍ରକାରର ସ୍ପର୍ଶରେ ଛୁଇଁଲା।" ଏବଂ ସେ ବୁଲି ପଡ଼ିଲେ ଓ ଲୋକସମୂହ ଆଡ଼କୁ ଚାହିଁଲେ ଯେପର୍ଯ୍ୟନ୍ତକି ସେ ବିଶ୍ୱାସର ସେହି ପଥକୁ ପାଇ ନ ଗଲେ।

112 ସମସ୍ତେ ସେମାନଙ୍କର ହାତକୁ ତାହାଙ୍କର ଚାରିଆଡ଼େ ରଖୁଥିଲେ, "ହେ ରାବ୍ବୀ, ଆମେ ତୁମକୁ ବିଶ୍ୱାସ କରୁ," ଏବଂ ଏସବୁ କିଛି।

113 ମାତ୍ର ସେଠାରେ କେହି ଜଣେ ପ୍ରକୃତରେ ଏହାକୁ ବିଶ୍ୱାସ କରିଥିଲେ। ଆଉ ସେ ତାହାଙ୍କର ବସ୍ତ୍ରକୁ ଛୁଇଁଥିଲେ ଏବଂ ବିଶ୍ୱାସ କରିଥିଲେ ଯେ ସେ ସୁସ୍ଥ ହେଲେ, କାରଣ ସେ ନିଜ ହୃଦୟରେ ଏହା କହିଥିଲେ ଯଦି ସେ ଏହା କରିପାରିବେ ତାହାହେଲେ ଏହା ଘଟିତ ହେବ।

114 ସେ ବୁଲି ପଡ଼ିଲେ ଏବଂ ଲୋକସମୂହ ଆଡ଼କୁ ଅନାଇଲେ ଯେପର୍ଯ୍ୟନ୍ତକି ସେ ତାଙ୍କୁ ପାଇ ନ ଗଲେ, ଆଉ ସେ କହିଲେ...ତାଙ୍କୁ କହିଲେ ଯେ ତା'ର ପ୍ରଦରରୋଗର ସମସ୍ୟା ବନ୍ଦ ହୋଇ ଯାଇଅଛି ଏବଂ ସେ ସୁସ୍ଥ ହୋଇ ଯାଇଛନ୍ତି। କ'ଣ ଏହା ଠିକ୍ ଅଟେ? ତେବେ, ଲୋକସମୂହଙ୍କ ଗହଳୀ ମଧ୍ୟରେ, ସେ ସେହିପରି ଭାବରେ ହିଁ କରିଥିଲେ।

115 ବର୍ତ୍ତମାନ, ମୁଁ ଦାବି କରୁଛି ଯେ ସେ ମୃତ ନୁହଁନ୍ତି, ସେ ଆଜି ମଧ୍ୟ ଠିକ୍ ସେତିକି ଜୀବିତ ଅଟନ୍ତି ଯେତିକି ସେ କେବେ ଥିଲେ। ଏବଂ ବାଇବଲ କହେ, ଯୀଶୁ ନିଜେ, କହିଛନ୍ତି,

"ସଦୋମର ଦିନରେ ଯେପରି ଘଟିଥିଲା, ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ସେହିପ୍ରକାର ଘଟିବ।"

116 ତେବେ ଦେଖନ୍ତୁ, ଏଥିରେ କିଛି ଯାଏ ଆସେ ନାହିଁ ଯେ ପରମେଶ୍ୱର ଏଠାରେ ଉପରେ କି ପ୍ରକାରର ଏକ ଦାନ ରଖିଛନ୍ତି, ତାହାକୁ ପ୍ରତ୍ୟୁତ୍ତର ଦେବା ନିମନ୍ତେ, ମଧ୍ୟ, ସେଠାରେ ତଳେ ଜଣକାକୁ ରହିବାକୁ ଅଛି। ସେ ଏକ ନଗରକୁ ଗଲେ, ବାଇବଲ ବ୍ୟକ୍ତ କରେ, "ସେମାନଙ୍କର ଅବିଶ୍ୱାସ ହେତୁ ସେ ଅନେକ ବିଷୟଗୁଡ଼ିକୁ ସାଧନ କରିପାରିଲେ ନାହିଁ।" କ'ଣ ଏହା ଠିକ୍ ଅଟେ? ଆଜି ସେହି ସମାନ କଥା ଅଟେ। ଆପଣଙ୍କୁ ତାହାଙ୍କ ଉପରେ ବିଶ୍ୱାସ କରିବାକୁ ଅଛି। ଆପଣଙ୍କୁ ତ ତାହାଙ୍କ ଉପରେ କେବଳ ବିଶ୍ୱାସ କରିବାକୁ ଅଛି। ତାହାହିଁ ହେଉଛି ଏକମାତ୍ର ଉପାୟ ଯେ ଆପଣ କରିପାରନ୍ତି।

117 ପ୍ରାର୍ଥନା ଧାଡ଼ି ପ୍ରସ୍ତୁତ କି? ବର୍ତ୍ତମାନ, ସମସ୍ତେ ପ୍ରାୟଃ ଦଶ ମିନିଟ୍ ପାଇଁ ଭକ୍ତି ସହକାରେ ରୁହନ୍ତୁ। ମୁଁ ଜାଣେ ନାହିଁ ଯେ ମୁଁ ସେଠାକୁ ଯାଇପାରିବି କି ନାହିଁ, ମୋ' ପାଖରେ ସେଠାରେ ପ୍ରାୟଃ ପଚି-ଶ କିମ୍ବା ତିରିଶ ଜଣ ଛିଡ଼ା ହୋଇଛନ୍ତି। ମାତ୍ର ବର୍ତ୍ତମାନ, ପ୍ରାର୍ଥନା ଧାଡ଼ିରେ, ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ସେଠାରେ ପ୍ରାର୍ଥନା ଧାଡ଼ିରେ ଯେଉଁମାନେକି ଏହା ଜାଣନ୍ତି ଯେ ମୁଁ ଆପଣମାନଙ୍କ ପାଇଁ ଅପରିଚିତ ଅଟେ, ଏବଂ ମୁଁ ଆପଣଙ୍କ ବିଷୟରେ କିଛି ହେଲେ ଜାଣେ ନାହିଁ, ନିଜର ହାତ ଉଠାନ୍ତୁ। ପ୍ରାର୍ଥନା ଧାଡ଼ିରେ ଥିବା ପ୍ରତ୍ୟେକେ।

118 ବର୍ତ୍ତମାନ ଶ୍ରୋତାବୃନ୍ଦଙ୍କ ମଧ୍ୟରେ, ଯିଏ ଏହା ଜାଣନ୍ତି ଯେ ମୁଁ ଆପଣଙ୍କ ବିଷୟରେ କିଛି ଜାଣେ ନାହିଁ, ନିଜର ହାତ ଉଠାନ୍ତୁ। ତେବେ, ବର୍ତ୍ତମାନ, ଏଠାରେ ତାହା ଅଟେ ଯାହାକି ମୁଁ କହିବା ପାଇଁ ଚେଷ୍ଟା କରୁଛି, ବନ୍ଧୁ, ଦେଖନ୍ତୁ। ତେବେ, ତାହା ଏଠାରେ ଅଟେ। ମଞ୍ଚ ଉପରେ ରହିଥିବା ଏହି ସମସ୍ତ ସେବକଗଣ। ଆଉ ଖ୍ରୀଷ୍ଟ ଏହି ପ୍ରତିଜ୍ଞା କରିଥିଲେ। ଦେଖନ୍ତୁ, ଏହା ଲେଖା ହୋଇଛି। ଏହା କେବେ ଘଟିବାକୁ ଥିଲା? ଶେଷ ଦିନମାନଙ୍କରେ, ପ୍ରଭୁଙ୍କ ଆଗମନର ଠିକ୍ ପୂର୍ବରୁ। କ'ଣ ଏହା ଠିକ୍ ଅଟେ? ଏହା ସେତେବେଳେ ଘଟିବାକୁ ଥିଲା।

119 ତେବେ, ତାହାହିଁ ସେହି ବାକ୍ୟ ଅଟେ ଯାହାକି ଆଜି ପାଇଁ ଭବିଷ୍ୟତ୍‌ବାଣୀ କରା ଯାଇଅଛି। ଲୁଥରଙ୍କ ପ୍ରକାଶ ନୁହେଁ; ୱେସ୍‌ଲିଙ୍କ ପ୍ରକାଶ ନୁହେଁ; ଆଉ ଏପରିକି ପେଣ୍ଟିକଷ୍ଟାଲ୍ ପ୍ରକାଶ ସୁଦ୍ଧା ନୁହେଁ। ଏହା ତ ବର୍ତ୍ତମାନ ମାର୍ଗର ଉପରକୁ ଯାଉଅଛି। ତେବେ, ଲୁଥର୍ ଠିକ୍ ଅଟନ୍ତି; ମେଥୋଡିଷ୍ଟ ଠିକ୍ ଅଟନ୍ତି; ବାପ୍‌ଟିଷ୍ଟ ଠିକ୍ ଅଟନ୍ତି; ସେମାନେ ସମସ୍ତେ, ପେଣ୍ଟିକଷ୍ଟାଲ୍, ଉତ୍ତମ ଅଟନ୍ତି। ଆଜିରାତ୍ରି ଏଠାରେ ସେସମସ୍ତ ପ୍ରକାରର ବସି ଅଛନ୍ତି। ଏହା ନୁହେଁ—ଏହା ନୁହେଁ—ଏହା ସେହି ବ୍ୟକ୍ତିବିଶେଷ ନୁହେଁ। କ'ଣ ହୁଏ ଯଦି...

120 ଆପଣ ଜଣେ ମେଥୋଡିଷ୍ଟକୁ କଦାପି ଲୁଥର୍ ବିଷୟରେ କିଛି କହିପାରିବେ ନାହିଁ, 'କାରଣ ସେ ପବିତ୍ରୀକରଣ ଉପରେ ବିଶ୍ୱାସ କରେ ଏବଂ ଲୁଥର୍ କରନ୍ତି ନାହିଁ। ବୁଝିଲେ?

121 ଆପଣ କଦାପି ଜଣେ ପେଣ୍ଟିକୋଷ୍ଟକୁ ଏହା କୁହନ୍ତି ନାହିଁ ଯେ "ପବିତ୍ରୀକରଣ ହିଁ ଏହାର ସବୁ କିଛି ଅଟେ," ସେ ତ ବରଦାନଗୁଡ଼ିକର ପୁନଃସ୍ଥାପନ ଦେଖିଅଛି। ସେ ତାହା ବିଶ୍ୱାସ

କରିବାକୁ ଯାଉ ନାହିଁ । ନା, ସେ ତ ତାହାଠାରୁ ଅଧିକ ପାଇଅଛି । ବୁଝିଲେ? ଏବଂ ଏହା ତ ଶେଷ ମଣ୍ଡଳୀ ଯୁଗ ଅଟେ ଯାହା ଆମ ପାଖରେ ରହିଥିଲା, ଆଉ ବାଇବଲ କହେ ଯେ ଆଉ ଅଧିକ ମଣ୍ଡଳୀ ଯୁଗମାନ ହେବ ନାହିଁ ।

122 ମାତ୍ର ସେଠାରେ ଲୋକମାନଙ୍କର ଏକ ସମାବେଶ ହେବାକୁ ଅଛି, ଦେଖନ୍ତୁ, ଆଉ ଆମେମାନେ ଏଠାରେ ଅଛୁ । ତେବେ, ମନେରଖନ୍ତୁ, ସେହି ଶେଷ ଚିହ୍ନ । କ'ଣ ଆମେମାନେ ଏକ ପ୍ରତିଜ୍ଞାତ ପୁତ୍ରର ଅପେକ୍ଷାରେ ଅଛୁ କି? ନିଜର ହାତ ଉଠାନ୍ତୁ । କ'ଣ ଆପଣମାନେ ଏହା ବିଶ୍ୱାସ କରନ୍ତି ଯେ ଖ୍ରୀଷ୍ଟଙ୍କଠାରେ ଥିବା ହେତୁ ଆପଣମାନେ ଅବ୍ରହାମଙ୍କ ବଂଶ ଅଟନ୍ତି? ନିଜର ହାତ ଉଠାନ୍ତୁ । ତାହାହେଲେ, ଅବ୍ରହାମଙ୍କ ବଂଶ, ନିଜର ଚିହ୍ନକୁ ଗ୍ରହଣ କରନ୍ତୁ! ଏହା ବାହାରେ ବାବିଲୋନ୍‌ରେ ନୁହେଁ, ଏହା ବାହାରେ ନାମଧାରୀ ଜଗତରେ ନୁହେଁ । ଏହା ତ ଏଠାରେ ଆପଣମାନଙ୍କ ମଧ୍ୟରେ ଅଟେ, ଯେଉଁମାନେକି ସେଠାରେ ବାହାରେ ସେହି ବିଶୃଙ୍ଖଳାରେ ନାହାଁନ୍ତି । ଏହାକୁ ବିଶ୍ୱାସ କରନ୍ତୁ!

123 ଏଠାରେ ଜଣେ ମହିଳା, ସେ ମୋ' ପାଇଁ ସମ୍ପୂର୍ଣ୍ଣ ଅପରିଚିତ, ପ୍ରାୟଃ ପ୍ରାୟଃ ସମାନ ବୟସର ହୋଇଥିବେ । ମୁଁ ସେହି ମହିଳାଙ୍କୁ ମୋ' ଜୀବନରେ କେବେ ଦେଖି ନାହିଁ । ଯଦି ମୁଁ ସେହି ମହିଳାଙ୍କୁ ସୁସ୍ଥ କରିପାରନ୍ତି ତେବେ ମୁଁ ତାହା କରିବି, ଯଦି ସେ ଅସୁସ୍ଥ ଅଟନ୍ତି । ମୁଁ ତାଙ୍କ ବିଷୟରେ କିଛି ଜାଣେ ନାହିଁ । କ'ଣ ଆପଣମାନେ ତାଙ୍କୁ କିଛି ମିନିଟ୍ ପୂର୍ବରୁ ତାଙ୍କର ହାତ ଉଠାଇ ଥିବାର ଦେଖିଥିଲେ? ମୁଁ—ମୁଁ ତାଙ୍କୁ କେବେ ଦେଖି ନାହିଁ । ସେ ତ କେବଳ ସେଠାରେ ଜଣେ ମହିଳା ଛିଡ଼ା ହୋଇଛନ୍ତି ।

124 ଆଜି ସେମାନେ ଏଠାରେ ତଳକୁ ଆସିଲେ ଓ ବହୁତ୍ ଗୁଡ଼ିଏ ପ୍ରାର୍ଥନା କାର୍ଡ଼କୁ ନେଇକି ଆସିଲେ, ସେସମସ୍ତଙ୍କୁ ଏକାଠି ମିଶାଇଲେ ଓ ଲୋକମାନଙ୍କୁ ଦେଇ ଦେଲେ । ଜଣେ ଏଠାରେ ସଂଖ୍ୟା ଏକ ପାଇଲା, ଏବଂ ସେଠାରେ ପଛରେ ସଂଖ୍ୟା ଦଶ, ସଂଖ୍ୟା ପନ୍ଦର, ସଂଖ୍ୟା ସାତ, ସଂଖ୍ୟା...ଠିକ୍ ସେହିପରି ଭାବରେ । ତାହା ସବୁ ଠିକ୍ ଆପଣମାନଙ୍କ ସମ୍ମୁଖରେ, ପ୍ରତ୍ୟେକ ଦିନ, ମିଶ୍ରିତ କରା ଯାଇଥାଏ । ଆଉ ଯେତେବେଳେ ସେମାନଙ୍କୁ ଡକାଯାଏ, ସେମାନଙ୍କୁ ଠିକ୍ ସର୍ବତ୍ର ସମସ୍ତ ସ୍ଥାନମାନଙ୍କରୁ ଡକା ଯାଇଥାଏ । ବୁଝିଲେ? ଆଉ, ବର୍ତ୍ତମାନ, ଏପରିକି ଆପଣଙ୍କୁ ଏକ ପ୍ରାର୍ଥନା କାର୍ଡ଼ ସୁଦ୍ଧା ନେବାକୁ ପଡ଼େ ନାହିଁ, କେବଳ ସେଠାରେ ବସିଥା'ନ୍ତୁ ଓ ବିଶ୍ୱାସ କରନ୍ତୁ । କାହିଁକି ହୋଇପାରିବ ନାହିଁ...

125 ଆଜିରାତ୍ରି, ଆପଣ ନିଜକୁ ଚିମୁଟା ଦିଅନ୍ତୁ, ଆମେ ରହୁଥିବା ସମୟକୁ ଖୋଜନ୍ତୁ । ବୁଝିଲେ? ତେବେ, ବନ୍ଧୁ, ଏହା ମଧ୍ୟ ପ୍ରାୟଃ ସମାପ୍ତ ହେବ ଉପରେ ଅଟେ । ପ୍ରାୟଃ ସମାପ୍ତ ହେବା ଉପରେ!

126 ତେବେ, ଯଦି ଅବ୍ରହାମଙ୍କର ପରମେଶ୍ୱର ଯୀଶୁ ଖ୍ରୀଷ୍ଟଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲେ, ଏବଂ ସେହି ଯୀଶୁ ପ୍ରତିଜ୍ଞା କଲେ ଯେ ଶେଷ ଦିନରେ ସେହି ସମାନ ଚିହ୍ନଗୁଡ଼ିକ ଯାହାକି ଅବ୍ରହାମ...ଯାହାକି ସେହି ଦୂତ (ଯିଏକି ମାନବ ଶରୀରରେ ପରମେଶ୍ୱର ଥିଲେ)

ଅବ୍ରହାମଙ୍କ ସମ୍ମୁଖରେ ସେହି ପ୍ରତିଜ୍ଞାତ ପୁତ୍ରର ଠିକ୍ ଆଗମନ ପୂର୍ବରୁ ସାଧନ କରିଥିଲେ, ଯୀଶୁ କହିଲେ ଯେ ଠିକ୍ ସେହି ସମାନ ଘଟଣା ଆଜି ଘଟିବ।

127 ବର୍ତ୍ତମାନ, ଆମେ ପରମାଣୁ ବିଷୟଗୁଡ଼ିକୁ ଏବଂ ନାମଧାରୀ ସଂସ୍ଥାଗୁଡ଼ିକୁ, ଓ ସେହି ସମସ୍ତ ବିଷୟଗୁଡ଼ିକୁ, ଆଉ ସେହି ବିଶୃଙ୍ଖଳାକୁ ଦେଖୁଅଛୁ ଯେଉଁଥିରେ ସେମାନେ ରହିଛନ୍ତି। ଆମେ ଏକ ବିଲି ଗ୍ରାହାମକୁ ତଳେ ଥିବାର, ଏବଂ ଓରାଲ୍ ରୋବର୍ଟସ୍, ପୁଣି ସେସମସ୍ତ ଲୋକମାନଙ୍କୁ ସେଠାରେ ଥିବାର ଦେଖୁଅଛୁ; ସେହି ପେଣ୍ଟିକଷ୍ଟାଲ୍ ବାର୍ତ୍ତାବହ ଏବଂ ସେହି ନାମଧାରୀ ସଙ୍ଗଠନ ନିମନ୍ତେ ବାର୍ତ୍ତାବହକୁ ତଳେ ଥିବାର ଦେଖୁଅଛୁ, ଆମେ ସେସବୁ ବିଷୟଗୁଡ଼ିକୁ ହେଉଥିବାର, ସେହି ଚିହ୍ନକୁ କାର୍ଯ୍ୟକାରୀ ହେଉଥିବାର ଦେଖୁଅଛୁ। ବିଲି ଗ୍ରାହାମ, ଯିଏକି ବିନ୍ଦୁ ପର୍ଯ୍ୟନ୍ତ ଜଣେ ଧର୍ମଶାସ୍ତ୍ରଜ୍ଞ, ଯେଉଁଥିରେକି ନାମଧାରୀ ସଂସ୍ଥା ବିଶ୍ୱାସ କରନ୍ତି। ଓରାଲ୍ ରୋବର୍ଟସ୍, ବିନ୍ଦୁ ପର୍ଯ୍ୟନ୍ତ ଏକ ଆରୋଗ୍ୟକାରୀ, ଠିକ୍ ଯାହା ସେହି ପେଣ୍ଟିକଷ୍ଟ...

128 ମାତ୍ର ଏଠାରେ ଦେଖନ୍ତୁ, ଅବ୍ରହାମଙ୍କ ବଂଶ ପାଇଁ ତ ଅନ୍ୟ କିଛି ପ୍ରତିଜ୍ଞା କରାଯାଇଅଛି। ସେମାନେ ସେଠାରେ ତଳେ ସେହି ନାମଧାରୀ ସଂସ୍ଥାମାନଙ୍କ ମଧ୍ୟରେ ରହିଛନ୍ତି; ମାତ୍ର ସେହି ନାମଧାରୀ ସଂସ୍ଥାମାନଙ୍କ *ବାହାରେ* କିଛି ଗୋଟାଏ ଘଟିବାକୁ ଅଛି, ଯାହାକି ଲୋକମାନଙ୍କୁ ଏକତ୍ର କରୁଅଛି। ଆମେ ତାହାକୁ ଆସନ୍ତାକାଲି ରାତ୍ରି ପର୍ଯ୍ୟନ୍ତ ଛାଡ଼ିଦେଉ।

129 ଦେଖନ୍ତୁ, ମୁଁ ସେହି ମହିଳାଙ୍କୁ ଜାଣେ ନାହିଁ। ମୁଁ ତାଙ୍କ ଆଡ଼କୁ ମୋ'ର ପିଠି କରିଦେବି। ଯଦି ପ୍ରଭୁ ପରମେଶ୍ୱର ସେହି ମହିଳାଙ୍କ ସମ୍ବନ୍ଧରେ କିଛି କହିବେ, ବୋଧହୁଏ ତାହା—ତାହା ଘରୋଇ ହୋଇପାରେ, ବୋଧହୁଏ ତାହା ଆର୍ଥିକ ହୋଇପାରେ, ବୋଧହୁଏ ତାହା ଅସୁସ୍ଥତା ହୋଇପାରେ; ମୁଁ ଜାଣେ ନାହିଁ। ସେ ଜାଣିବେ ଯେ ତାହା ସତ କି ନୁହେଁ।

130 ଯଦି ସେ ଆଜିରାତ୍ରି ସେହି ସମାନ ବିଷୟକୁ କରିବେ ଯାହାକି ସେ ସେହି ଦିନ କରିଥିଲେ, କ'ଣ ଆପଣମାନେ ସେହି ପରମେଶ୍ୱରଙ୍କୁ ବିଶ୍ୱାସ କରିବେ କି ଯାହା ସମ୍ବନ୍ଧରେ ଯୀଶୁ ଖ୍ରୀଷ୍ଟ ପ୍ରତିଜ୍ଞା କରିଥିଲେ ଯେ ଶେଷ ଦିନମାନଙ୍କରେ ସେ ଏଠାରେ ରହିବେ? କେତେ ଜଣ ଏହା ବିଶ୍ୱାସ କରନ୍ତି ଯେ ଆମେମାନେ ସଦୋମରେ ରହିଥିବା ପରି ବାସ କରୁଅଛୁ, ଯେତେବେଳେକି ସମଗ୍ର ଜଗତ ଏକ ସଦୋମୀ ଅବସ୍ଥାକୁ ଚାଲି ଯାଇଅଛି? ଆପଣମାନଙ୍କ ମଧ୍ୟରୁ କେତେ ଜଣ ଏହା ବିଶ୍ୱାସ କରନ୍ତି ଯେ ଆଜିରାତ୍ରି ମୁଁ ଆପଣଙ୍କୁ ଯାହା କହିଛି ତାହା ସତ୍ୟ ଅଟେ? ତେବେ, ଅବ୍ରହାମଙ୍କ ସନ୍ତାନ ଏବଂ ବଂଶ, ପରମେଶ୍ୱରଙ୍କୁ ବିଶ୍ୱାସ କରନ୍ତୁ!

131 ତେବେ, ତେଣୁକରି ଏହା ଆପଣମାନଙ୍କ ମନ ମଧ୍ୟରୁ ଯେପରି ବାହାରି ଯାଏ ଯେ ମୁଁ ମହିଳାଙ୍କୁ କିଛି କହିବାକୁ ଚେଷ୍ଟା କରୁଛି, ତାଙ୍କୁ ମୁହଁରେ ଅନାଇବା ଦ୍ୱାରା, କିଅବା ଦୂରସମ୍ବେଦନ ବିଷୟରେ ସବୁକିଛି ଜାଣିବା ଅଥବା ଯାହାକିଛି ଆପଣ ଜାଣିବାକୁ ଚାହାଁନ୍ତି ତାହା ଦ୍ୱାରା। ଯେକେହି ବି ଯିଏକି ଦୂରସମ୍ବେଦନ ବିଷୟରେ କିଛି ଜାଣନ୍ତି ତାହାଠାରୁ ଭଲ ଜ୍ଞାନ ରଖିଥିବେ। ବୁଝିଲେ? ବୁଝିଲେ? କ'ଣ ଆପଣ କେବେ ଜଣେ ଦୂରସମ୍ବେଦନ

ବିଶେଷଜ୍ଞଙ୍କୁ ସୁସମାଚାର ପ୍ରଚାର କରୁଥିବାର ଦେଖିଛନ୍ତି କି? କ'ଣ ଆପଣ କେବେ ଜଣେ ଆଧ୍ୟାତ୍ମିକବାଦୀକୁ ସୁସମାଚାର ପ୍ରଚାର କରୁଥିବାର, ଚିହ୍ନ ଏବଂ ଚମତ୍କାରମାନ କରୁଥିବାର, ପୁଣି ଯୀଶୁ ଖ୍ରୀଷ୍ଟ ଯେ ସମାନ ଅଟନ୍ତି ବୋଲି ଘୋଷଣା କରୁଥିବାର ଦେଖିଛନ୍ତି କି? ନା।

132 ଦେଖନ୍ତୁ, ଏହା ତ କେବଳ...ଏହା ତ ଲୋକମାନଙ୍କର ମନ ଅଟେ। ଦେଖନ୍ତୁ, ସେମାନେ ଅନ୍ଧ ଅଟନ୍ତି। କ'ଣ ଆପଣ ବିଶ୍ୱାସ କରନ୍ତି ଯେ ସେମାନେ ଅନ୍ଧ ହୋଇପାରନ୍ତି? ବାଇବଲ କହେ ଯେ ସେମାନେ ହେବେ। କ'ଣ ଏହା ଠିକ୍ ଅଟେ? "ଦୁଃସାହସୀ, ଦାମ୍ଭିକ, ପରମେଶ୍ୱରପ୍ରିୟ ନ ହୋଇ ବରଂ ବିଳାସପ୍ରିୟ ହେବେ, ଅମିଳନପ୍ରିୟ, ଅପବାଦକ, ଅଜିତେନ୍ଦ୍ରିୟ, ଉତ୍ତମ ବିଷୟର ଘୃଣାକାରୀ, ସେମାନେ ଭକ୍ତିର ଭେଖ ଧରନ୍ତି, କିନ୍ତୁ ସେଥିର ଶକ୍ତିକୁ ଅସ୍ୱୀକାର କରନ୍ତି।"

133 କ'ଣ ସାଧୁ ମାଥିଉ 24:24ରେ, ଯୀଶୁ ଏହା କହି ନାହାଁନ୍ତି କି, ଯେ ଶେଷ ଦିନମାନଙ୍କରେ ସେହି ଦୁଇଟି ଆତ୍ମା, ଯଦି ସମ୍ଭବ ହୁଏ, ମନୋନୀତ ଲୋକଙ୍କୁ ସୁଦ୍ଧା ପ୍ରାୟଃ ଭ୍ରାନ୍ତ କରିଦେବେ? ମାତ୍ର ତାହା ସମ୍ଭବ ନୁହେଁ। ସେମାନେ ଆରମ୍ଭରୁ ହିଁ ପରମେଶ୍ୱରଙ୍କ ବିଚାରରେ ଥିଲେ, ଏବଂ ସେମାନେ ପରମେଶ୍ୱରଙ୍କର ଏକ ଅଂଶ ଅଟନ୍ତି।

134 ତେବେ, ଅବ୍ରହାମ, ଇସ୍‌ହାକ ଏବଂ ଯାକୁବର ପରମେଶ୍ୱର, ଆଜି ରାତ୍ରି ଏହା ଜ୍ଞାତ ହେଉ ଯେ ମୁଁ ତୁମ ବିଷୟରେ ସତ୍ୟ କହୁଅଛି। ଏହା ତ ତୁମେ ଅଟ, ପ୍ରଭୁ। ହେବାକୁ ଦିଅ ଯେ ଅତି ବିନମ୍ର ସହକାରେ ତୁମର ସେବକମାନେ ନିଜର ଚିନ୍ତାଧାରାକୁ ମାର୍ଗରୁ ହଟାଇ ନେବାକୁ ସମର୍ଥ ହୁଅନ୍ତି, ଯେପରିକି ତୁମେ ଆମର ଶରୀରଗୁଡ଼ିକୁ ତୁମର ଗୌରବ ନିମନ୍ତେ ବ୍ୟବହାର କରିପାରିବ। ପରମେଶ୍ୱରଙ୍କ ପୁତ୍ର, ଯୀଶୁଙ୍କ ନାମରେ। ଆମେନ୍।

135 ବରଦାନ କ'ଣ ଅଟେ? ତାହା ଏପରି କିଛି ନୁହେଁ ଯାହାକି ଆପଣ ନିଅନ୍ତି ଓ କାଟ ଛାଣ୍ଟ କରନ୍ତି ଏବଂ ମୋଡ଼ି ଦିଅନ୍ତି। ନା, ନା। ତାହା ତ ଏହା ଜାଣିବା ଅଟେ ଯେ କିପରି ନିଜକୁ ମାର୍ଗରୁ ହଟାଇ ନେବାକୁ ଅଛି ଯେପରିକି ପରମେଶ୍ୱର ଆପଣଙ୍କୁ ବ୍ୟବହାର କରିପାରିବେ। ଗୋଟିଏ ବରଦାନ ତ କେବଳ ନିଜକୁ ହଟାଇ ନେବା ଅଟେ, ତା'ପରେ ପରମେଶ୍ୱର ଏହାକୁ ବ୍ୟବହାର କରନ୍ତି।

136 ମୋ ପଛରେ ଥିବା ମହିଳାଜଣକ ଠିକ୍ ଏହି କ୍ଷଣି ହିଁ ମରିଯିବାକୁ ଯାଉଛନ୍ତି ଯଦି ସେ ସୁସ୍ଥ ନ କରାଯା'ନ୍ତି। ମୋ ପଛରେ ଥିବା ମହିଳାଜଣଙ୍କ ପାଇଁ, ଠିକ୍ ଅଳ୍ପକିଛି ଦିନ ହେଲା, ଅନ୍ୟ ଜଣେ ବ୍ୟକ୍ତି ପ୍ରାର୍ଥନା କରିଥିଲେ। ସେ କର୍କଟ ରୋଗରେ ଆକ୍ରାନ୍ତ। କର୍କଟ ତାଙ୍କ ସ୍ତନରେ ଏବଂ ଫୁସ୍‌ଫୁସ୍‌ରେ ମଧ୍ୟ ଅଛି। ଆଉ ଅଳ୍ପକିଛି ଦିନ ହେଲା ତାଙ୍କ ନିମନ୍ତେ ପ୍ରାର୍ଥନା କରା ଯାଇଥିଲା, ଏବଂ ସେ ଏହାକୁ ବିଶ୍ୱାସ ଦ୍ୱାରା ଗ୍ରହଣ କରିବାକୁ ଚେଷ୍ଟା କରୁଛନ୍ତି ଯେ ସେ ସୁସ୍ଥ ହୋଇଅଛନ୍ତି। ତାହା **ସଦାପ୍ରଭୁ ଏହି କଥା କହନ୍ତି** ଅଟେ! ମହିଳା, କ'ଣ ଏହା ସତ ଅଟେ କି? [ମହିଳା ଉତ୍ତର ଦିଅନ୍ତି, "ହଁ, ନିଶ୍ଚିତରେ ଏହା ସତ ଅଟେ।"—ଅନୁ] ଯଦି ଏହା ଅଟେ, ତେବେ ଦର୍ଶକବୃନ୍ଦଙ୍କ ଆଡ଼କୁ ନିଜର ହାତ ହଲାନ୍ତୁ—ହଲାନ୍ତୁ। ଅବ୍ରହାମଙ୍କ ପରମେଶ୍ୱର ଆଜି ମଧ୍ୟ ଜୀବିତ ଅଛନ୍ତି!

ଠିକ୍ ଅଛି, ଆପଣ ଯାହା ବିଶ୍ୱାସ କରନ୍ତି ସେହି ବିଶ୍ୱାସ କରିକି ଯାଆନ୍ତୁ ଆଉ ଆପଣ ଭଲ ହୋଇଯିବେ । ଆମେନ୍ ।

କ'ଣ ଆପଣ ବିଶ୍ୱାସ କରନ୍ତି କି? ଆପଣ କୁହନ୍ତି, "ଦର୍ଶକବୃନ୍ଦଙ୍କ ବିଷୟରେ କ'ଣ ଥିଲା?"

137 ତାଙ୍କ ସହିତ ଏଠାରେ ବସିଥିବା ଏହି ମହିଳାଜଣକ...ସେହି ଧାଡ଼ିର ଶେଷରେ, ଠିକ୍ ସେଠାରେ ଥିବା ଦ୍ୱିତୀୟ ମହିଳା । ଯେତେବେଳେ ମୁଁ ଠିକ୍ ସେଠାରେ ବୁଲି ପଡ଼ିଲି ମୁଁ ସେଠାରେ କିଛି ଗୋଟାଏ ବିଷୟକୁ ଦେଖିଲି, ତାଙ୍କ ବାହୁର ଚାରିପଟେ ଏକ ଜିନିଷ, ରକ୍ତଚାପ ମାପିବା ଏକ ଯନ୍ତ୍ରକୁ ଦେଖିଲି । ତାଙ୍କର ଉଚ୍ଚ ରକ୍ତଚାପ ଅଛି । ମହିଳା, କ'ଣ ତାହା ଠିକ୍ ଅଟେ? ନିଜର ହାତ ଉଠାନ୍ତୁ । ଯଦି ଆପଣ ବିଶ୍ୱାସ କରିବେ, ଆପଣଙ୍କର ରକ୍ତଚାପ ହ୍ରାସ ପାଇଯିବ । ଅବ୍ରହାମଙ୍କ ପରମେଶ୍ୱର ଏବେ ମଧ୍ୟ ଦୃଶ୍ୟରେ ଅଛନ୍ତି । ସେ ଅବିକଳ ଭାବେ ଠିକ୍ ତାହାହିଁ ଅଛନ୍ତି ଯାହାକି ସେ ଥିଲେ, ଏହି ଦିନ ପାଇଁ ପରମେଶ୍ୱରଙ୍କ ବାକ୍ୟ!

138 ଆପଣଙ୍କୁ କେମିତି ଲାଗୁଛି? କ'ଣ ଆପଣ ବର୍ତ୍ତମାନ ବିଶ୍ୱାସ କରୁଛନ୍ତି? ପରମେଶ୍ୱରଙ୍କଠାରେ ବିଶ୍ୱାସ ରଖନ୍ତୁ! ଠିକ୍ ଗୋଟିଏ ଶିଶୁ ପରି ମନେହୁଏ । ପରମେଶ୍ୱର ଆପଣଙ୍କର ହୃଦୟ ଜାଣନ୍ତି, ଯୁବା ମହିଳା, ମୁଁ ଜାଣେ ନାହିଁ । କ'ଣ ଆପଣ ଏହା ବିଶ୍ୱାସ କରନ୍ତି କି ଯେ ପରମେଶ୍ୱର ତାହା ମୋ'ଠାରେ ପ୍ରକାଶ କରିବାକୁ ସକ୍ଷମ ଅଟନ୍ତି ଯେ କ'ଣ ଭୁଲ୍ ଅଛି? ଯଦି ମୁଁ ତାହା କହିଦିଏ କ'ଣ ଆପଣ ତାହାଙ୍କୁ ବିଶ୍ୱାସ କରିବେ? ଏହା ଆପଣଙ୍କ ପାଇଁ ନୁହେଁ, ଏହା ଅନ୍ୟ କାହାରି ପାଇଁ ଅଟେ, ତାହା ଆପଣଙ୍କର ଭାଇ ଅଟନ୍ତି । ଆଉ ସେ ଅତି ଗମ୍ଭୀରଭାବେ ପୀଡ଼ିତ ଅଛନ୍ତି, ଏବଂ ସେ ଏଠାରୁ ଉତ୍ତର ଦିଗରେ ଥିବା ଏକ ସହର, ଟୁଲାରେରେ ଅଛନ୍ତି । ଏବଂ ସେ ଏକ ହସ୍ପିଟାଲରେ ଅଛନ୍ତି, ଆଉ ତାଙ୍କର ଲ୍ୟୁକେମିଆ ବା ରକ୍ତ କର୍କଟ ରୋଗ ହୋଇଛି, ଏବଂ ଡାକ୍ତରମାନେ ତାଙ୍କୁ ମରିବା ପାଇଁ ଛାଡ଼ି ଦେଇଛନ୍ତି । ଆଦୌ କୌଣସି ଆଶା ନାହିଁ । ତାହା ଠିକ୍ ଅଟେ । କ'ଣ ଆପଣ ବିଶ୍ୱାସ କରନ୍ତି କି? [ସେହି ମହିଳା, କାନ୍ଦି କାନ୍ଦି କୁହନ୍ତି, "ହଁ"—ଅନୁ] ଠିକ୍ ଅଛି । ଆପଣଙ୍କ ହାତରେ କ'ଣ ଅଛି? ତାହାକୁ ନିଅନ୍ତୁ ଏବଂ ତାଙ୍କ ଉପରେ ଥୋଇଦିଅନ୍ତୁ । ଏବଂ ଏଥିରେ ସନ୍ଦେହ କରନ୍ତୁ ନାହିଁ । ବିଶ୍ୱାସ କରନ୍ତୁ! ଆମେନ୍ ।

139 କ'ଣ ଆପଣ ବିଶ୍ୱାସ କରନ୍ତି କି? ମୁଁ ମୋ' ଜୀବନରେ କେବେବି ସେହି ମହିଳାଙ୍କୁ ଦେଖି ନାହିଁ । ମାତ୍ର ପରମେଶ୍ୱର ତ ପରମେଶ୍ୱର ରହିଥା'ନ୍ତି! ତେବେ, ମୋତେ କୁହନ୍ତୁ ଯେ ଜଣେ ମଣିଷ ତାହା କରିପାରିବ କି? ଏହା କରିବାଟା ମନୁଷ୍ୟର ସୃଷ୍ଟି ପକ୍ଷରେ ସମ୍ଭବ ନୁହେଁ । ଏହା ତ ପରମେଶ୍ୱର ଅଟନ୍ତି ଯାହା ବିଷୟରେ ଯୀଶୁ ଖ୍ରୀଷ୍ଟ ପ୍ରତିଜ୍ଞା କରିଥିଲେ ଯେ ଶେଷ ଦିନମାନଙ୍କରେ ସେ ଏଠାରେ ରହିବେ ଏବଂ ଆପଣାକୁ (ଅବ୍ରହାମଙ୍କ ବଂଶ ସମ୍ମୁଖରେ) ସୁପ୍ରମାଣିତ କରିବେ ଯେପରିକି ତାହା ସଦୋମଙ୍କ ଦିନରେ ଘଟିଥିଲା ।

140 ବର୍ତ୍ତମାନ ଏଠାରେ, ମୁଁ ସେହି ମହିଳାଙ୍କୁ ଜାଣେ ନାହିଁ, ଆମେ ପରସ୍ପର ପାଇଁ ଅପରିଚିତ ଅଟୁ, ମୁଁ ଅନୁମାନ କରେ ଯେ ଏହା ଜୀବନରେ ଆମର ପ୍ରଥମ ଥର ପାଇଁ ସାକ୍ଷାତ ଅଟେ । କ'ଣ ଆପଣ ମୋତେ ତାହାଙ୍କର ସେବକ ବୋଲି ବିଶ୍ୱାସ କରନ୍ତି? [ସେହି ମହିଳା କହନ୍ତି, "ହଁ"—ଅନୁ] କ'ଣ ଆପଣ ଏହାକୁ ବାକ୍ୟ ବୋଲି ବିଶ୍ୱାସ କରନ୍ତି କି? ["ହଁ ।"] ଏବଂ ଆପଣ ଜାଣନ୍ତି ଯେ ଯଦି...ଏହି ବାକ୍ୟ ଏବେ ମଧ୍ୟ ହୃଦୟର ଚିନ୍ତା ଏବଂ ଭାବର ଏକ ସୁକ୍ଷ୍ମ ବିଚାରକ ଅଟେ । କ'ଣ ତାହା ଠିକ୍ ଅଟେ? ["ତାହା ଠିକ୍ ।"] ସେହି ବାକ୍ୟ ଏକ ଆରୋଗ୍ୟକାରୀ, ମଧ୍ୟ ଅଟେ, ଯଦି ଆପଣ ତାହାକୁ ବିଶ୍ୱାସ କରିପାରିବେ । ଆପଣ କରନ୍ତି । ଆପଣ, ଏକ ଅନ୍ଧକାର ଛାୟାରେ, ମଧ୍ୟ ଛାୟିତ ଅଟନ୍ତି । ଏହା କର୍କଟ ରୋଗ ଅଟେ । ଆଉ କ'ଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ପରମେଶ୍ୱର ମୋତେ ତାହା କହିପାରିବେ ଯେ ସେହି କର୍କଟ ରୋଗଟି କେଉଁଠାରେ ହୋଇଛି? ଏହା ତ ତଳ ଅନ୍ତଃନଳୀରେ ହୋଇଛି, ଯେପରିକି ଡାକ୍ତର କୁହନ୍ତି । କ'ଣ ଆପଣ ବର୍ତ୍ତମାନ ଏହା ବିଶ୍ୱାସ କରନ୍ତି ଯେ ଆପଣ ସୁସ୍ଥ ହୋଇଯିବେ? ["ଆମେନ୍ ।"] ଯାଆନ୍ତୁ, ଏବଂ ଆଦୌ ସନ୍ଦେହ କରନ୍ତୁ ନାହିଁ, ଆଉ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ । ଆମେନ୍ ।

141 କ'ଣ ଆପଣମାନେ ସମସ୍ତେ, ବିଶ୍ୱାସ କରନ୍ତି? ଅବିକଳ ଭାବେ ଠିକ୍ ତାହାହିଁ ଅଟେ ଯାହା ସେ କରିବାକୁ ପ୍ରତିଜ୍ଞା କରିଥିଲେ! ପରମେଶ୍ୱରଙ୍କଠାରେ ବିଶ୍ୱାସ ରଖନ୍ତୁ, ସନ୍ଦେହ କରନ୍ତୁ ନାହିଁ ।

142 ଆମେ ଜଣେ ପରସ୍ପର ପାଇଁ ଅପରିଚିତ ଅଟୁ । ମୁଁ ଆପଣଙ୍କୁ ଜାଣେ ନାହିଁ । ଯଦି ଆମେମାନେ ଅପରିଚିତ, ତେବେ ଦର୍ଶକବୃନ୍ଦ ଏହା ଜାଣନ୍ତୁ, ଆସନ୍ତୁ ଆମେମାନେ ନିଜର ହାତକୁ ଉଠାଉ । ମୁଁ ମୋ' ଜୀବନରେ କେବେବି ସେହି ମହିଳାଙ୍କୁ ଦେଖି ନାହିଁ ।

143 କ'ଣ ସେଠାରେ ରହିଥିବା ଆପଣମାନେ ବିଶ୍ୱାସ କରନ୍ତି? ଆପଣ ବିଶ୍ୱାସ କରନ୍ତି ଯେ ତାହା ଯୀଶୁ ଖ୍ରୀଷ୍ଟ ଅଟନ୍ତି? ଏହା କ'ଣ ଅଟେ? ଏହା ତାହାଙ୍କର ବାକ୍ୟ ଅଟେ । ଯେତେବେଳେ ଏହି ଲୋକମାନେ ତାହାକୁ ପ୍ରତ୍ୟାଖ୍ୟାନ କରନ୍ତି, ସେମାନେ ଜଣେ ବ୍ୟକ୍ତିଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି ନାହିଁ, ସେମାନେ ବାକ୍ୟକୁ ପ୍ରତ୍ୟାଖ୍ୟାନ କରନ୍ତି । ଏହା ତ ସେହି ବାକ୍ୟ ଅଟେ ଯାହାକି ବାହାରେ ରହିଥିଲା, ଭିତରକୁ ଆସିପାରି ନ ଥିଲା ।

144 ତେବେ, ସେହି ମହିଳା ମୋ' ପାଇଁ ଜଣେ ଅପରିଚିତ ବ୍ୟକ୍ତି ଅଟନ୍ତି । ମୁଁ ମୋ' ଜୀବନରେ ତାଙ୍କୁ କେବେବି ଦେଖି ନାହିଁ । ପରମେଶ୍ୱର ଜଣେ ଆରୋଗ୍ୟଦାତା ଅଟନ୍ତି । ଏହା ଆରୋଗ୍ୟତା ପାଇଁ ହୋଇ ନ ଥାଇପାରେ, ଅନ୍ୟ କିଛି ବିଷୟ ପାଇଁ ହୋଇ ଥାଇପାରେ, ମାତ୍ର ଯଦି ପରମେଶ୍ୱର ମୋତେ ତାହା ବୁଝାଇ ଦେବେ ଯେ ଆପଣଙ୍କର ସମସ୍ୟା କ'ଣ ଅଟେ, ତେବେ କ'ଣ ଆପଣ ମୋତେ ବିଶ୍ୱାସ କରିବେ କି? ପ୍ରଥମ ବିଷୟ ଯାହା ପାଇଁ ଆପଣ ପ୍ରାର୍ଥନା କରାଇବାକୁ ଚାହାଁନ୍ତି, ତାହା ହେଲା, ଆପଣଙ୍କର ଗୋଟିଏ କାନ ଖରାପ ଅଛି । ଆପଣଙ୍କର ଗୋଟିଏ କାନ, ଆପଣ ସେଥିରେ ଶୁଣି ପାରନ୍ତି ନାହିଁ । ତାହା ଠିକ୍ । ତାହା

ସତ ଅଟେ । ଆଉ ତା'ପରେ ଆପଣଙ୍କର ଗୋଟିଏ ଅଭ୍ୟାସ ଅଛି, ଏବଂ ଆପଣ ସେହି ଅଭ୍ୟାସରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି, ତାହା ହେଲା ଧୂମ୍ରପାନ କରିବା । ବର୍ତ୍ତମାନ ଆପଣ ନିଜର ଭଲ କାନରେ ନିଜର ଆଙ୍ଗୁଠିକୁ ପୂରାନ୍ତୁ, ଠିକ୍ ଅଛି, ଆପଣଙ୍କର ଭଲ କାନରେ । ଠିକ୍ ଅଛି । ବର୍ତ୍ତମାନ ପରମେଶ୍ୱରଙ୍କୁ ବିଶ୍ୱାସ କରନ୍ତୁ ଏବଂ ନିଜର ମାର୍ଗରେ ଚାଲି ଯାଆନ୍ତୁ, ଆଉ କରନ୍ତୁ ନାହିଁ...ଯଦି ଆପଣ ବିଶ୍ୱାସ କରିବେ ତେବେ ଆପଣ ଆଉ କେବେବି ଅଧିକ ଧୂମ୍ରପାନ କରିବେ ନାହିଁ । ଯାଆନ୍ତୁ, ଏବଂ ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

କ'ଣ ଆପଣ ଦେଖିଲେ ଯେ କ'ଣ ଘଟିଲା । କ'ଣ ସେ ବାସ୍ତବ ନୁହଁନ୍ତି କି?

145 ମୁଁ ଆପଣଙ୍କୁ ଜାଣେ ନାହିଁ, ଆମେ ପରସ୍ପର ପାଇଁ ଅପରିଚିତ ଅଟୁ । ମୁଁ ଆପଣଙ୍କୁ ମୋ' ଜୀବନରେ କେବେବି ଦେଖି ନାହିଁ, ମାତ୍ର ପରମେଶ୍ୱର ଆପଣଙ୍କୁ ଜାଣନ୍ତି । ଯଦି ପରମେଶ୍ୱର ମୋତେ ଆପଣଙ୍କ ବିଷୟରେ କିଛି କହିପାରିବେ, ତାହାହେଲେ କ'ଣ ଆପଣ ବିଶ୍ୱାସ କରିବେ କି?

146 କ'ଣ ସମଗ୍ର ଦର୍ଶକବୃନ୍ଦ ବିଶ୍ୱାସ କରିବେ କି? ସେଠାରେ କେହିହେଲେ ସେହି ମହିଳାଙ୍କୁ ଜାଣନ୍ତି କି? ଦର୍ଶକବୃନ୍ଦଙ୍କ ମଧ୍ୟରେ କେହି ବି ସେହି ମହିଳାଙ୍କୁ ଜାଣନ୍ତି କି? ଠିକ୍ ଅଛି, ତେବେ ଆପଣ ଜାଣନ୍ତି ଯେ ତାହା ସତ ହେବା ଉଚିତ୍ କି ନୁହେଁ । ଏହା ତାହାକୁ ସମାଧାନ କରି ଦେବା ଉଚିତ୍ । ଏହା ସତ କହି ଦେବା ଉଚିତ୍ ।

147 ତେବେ ଆପଣମାନେ ଦେଖିପାରନ୍ତି ଯେ ଗତ କିଛି ମିନିଟ୍ ମଧ୍ୟରେ କ'ଣ ଘଟିଅଛି । ବୁଝିଲେ? ଏହା ତ କେବଳ...ମୁଁ ବିଚଳିତ ହେଉଅଛି । ବୁଝିଲେ? ଏହା ସବୁକିଛି ମୋତେ ଅନ୍ଧ କରିଦେବା ପରି ହେଉଅଛି । ଦେଖନ୍ତୁ, ଏହା ତ ଭାବ ବିଚାରରକୁ ଜାଣିବା ଅଟେ । ଦେଖନ୍ତୁ, ଏହା ପବିତ୍ରଆତ୍ମା ଅଟେ । ଏହା ମୁଁ ନୁହେଁ । ଏହା ତ ଏହି ଦିନ ପାଇଁ ପ୍ରତିଜ୍ଞାତ ବାକ୍ୟ ଅଟେ । ପ୍ରେରିତମାନଙ୍କ ସମୟଠାରୁ ନେଇ ଏହା କେବେହେଲେ ସେପରି ନ ଥିଲା, ଏହା କେବେହେଲେ ସେପରି ହୋଇନାହିଁ । ମାତ୍ର ଯେଉଁଠାରେ ଏହା କୁହାଯାଇଥିଲା, "ଠିକ୍ ମନୁଷ୍ୟପୁତ୍ରଙ୍କର ଆଗମନ ପୂର୍ବରୁ । ଲୋଟଙ୍କ ସମୟରେ ତାହା ଯେପରି ଥିଲା, ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ସେହିପରି ଘଟିବ ।" ଅବିଶ୍ୱାସୀମାନେ ଏହା ବିଶ୍ୱାସ କରନ୍ତି ନାହିଁ । ସେମାନେ ଏହା ବିଶ୍ୱାସ କରିବେ ବୋଲି ଆଶା ବି କରାଯାଏ ନାହିଁ । ମାତ୍ର ବିଶ୍ୱାସୀମାନେ ଏହା ବିଶ୍ୱାସ କରନ୍ତି!

148 ତେବେ, ଯଦି ପବିତ୍ରଆତ୍ମା ଏହାକୁ ପ୍ରକାଶ କରିବେ, ତାହାହେଲେ କେତେ ଜଣ ନିଜର ସମସ୍ତ ହୃଦୟରେ ବିଶ୍ୱାସ କରିବେ, ଆପଣ ନିଜର ହାତ ଉଠାଇବେ?

149 ଆପଣଙ୍କର କିଛି ଆଘାତ ହୋଇଅଛି । ଆପଣଙ୍କର ଏକ କାର ଦୁର୍ଘଟଣା ହୋଇଥିଲା, ଏହା ଆପଣଙ୍କର ବେକ ପାଖରେ କେତୋଟି ମେରୁଦଣ୍ଡ ହାଡ଼ଗୁଡ଼ିକୁ ବିଚ୍ୟୁତ କରି ଦେଇଛି । ଆପଣଙ୍କର ଗୋଟିଏ ବୃକକ୍ ମଧ୍ୟ ଆଘାତ ପାଇଛି । ତାହା ଠିକ୍, କ'ଣ ନୁହେଁ କି? [ସେହି

ମହିଳା କୁହନ୍ତି, "ହଁ, ମହାଶୟ।"—ଅନୁ] କ'ଣ ଆପଣ ବିଶ୍ୱାସ କରନ୍ତି? ["ହଁ, ମହାଶୟ।"] ଆପଣ ଭଲ ହୋଇଯିବେ। ପ୍ରଭୁଙ୍କର ପ୍ରଶଂସା ହେଉ।

150 କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ବୃକକ୍ ସମସ୍ୟାକୁ ସୁସ୍ଥ କରନ୍ତି? ତାହହେଲେ ଆଗକୁ ଯାଆନ୍ତୁ ଏବଂ ନିଜର ସୁସ୍ଥତାକୁ ଗ୍ରହଣ କରନ୍ତୁ।

151 ମହିଳା, ଆସନ୍ତୁ। ଏପଟକୁ ଅନାନ୍ତୁ। କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ହୃଦୟଜନିତ ସମସ୍ୟାକୁ ସୁସ୍ଥ କରିପାରନ୍ତି? ଠିକ୍ ଅଛି, ନିଜ ମାର୍ଗରେ ଚାଲି ଯାଆନ୍ତୁ ଏବଂ ବିଶ୍ୱାସ କରନ୍ତୁ, ଆଉ ଆପଣଙ୍କର ହୃଦୟ ଭଲ ହୋଇଯିବ।

152 ଏଠାକୁ ଆସନ୍ତୁ। କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କର ପିଠିକୁ ସୁସ୍ଥ କରିପାରିବେ, ଆପଣଙ୍କୁ ଭଲ କରିପାରିବେ? ତାହାହେଲେ ଆଗକୁ ଯାଆନ୍ତୁ ଏବଂ ବିଶ୍ୱାସ କରନ୍ତୁ।

କେବଳ ପରମେଶ୍ୱରଙ୍କଠାରେ ବିଶ୍ୱାସ କରନ୍ତୁ, ତାହା ହିଁ ସବୁକିଛି ଯାହାକି ଆପଣଙ୍କୁ କରିବାକୁ ଅଛି!

153 ମହିଳା, ଆସନ୍ତୁ। କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ପେଟଜନିତ ସମସ୍ୟାକୁ ସୁସ୍ଥ କରନ୍ତି? ଯାଆନ୍ତୁ, ନିଜର ଭୋଜନ ଖାଆନ୍ତୁ, ଆପଣାର ସମସ୍ତ ହୃଦୟରେ ବିଶ୍ୱାସ କରନ୍ତୁ।

154 ଆସନ୍ତୁ। କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଗଣ୍ଠିବାତକୁ ସୁସ୍ଥ କରିପାରିବେ? ତାହହେଲେ ଯାଆନ୍ତୁ, ବିଶ୍ୱାସ କରନ୍ତୁ, ଏବଂ କରନ୍ତୁ...ଆଉ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ।

155 ଠିକ୍ ଅଛି, ଆସନ୍ତୁ। କ'ଣ ଆପଣ ସମସ୍ତ ହୃଦୟ ସହିତରେ ବିଶ୍ୱାସ କରୁଛନ୍ତି? ଆପଣ ବିଶ୍ୱାସ କରନ୍ତି କି? ପୁନର୍ବାର, ଗଣ୍ଠିବାତ। କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିପାରିବେ? ଯାଆନ୍ତୁ, ବିଶ୍ୱାସ କରନ୍ତୁ, କୁହନ୍ତୁ, "ପ୍ରଭୁ, ତୁମର ଧନ୍ୟବାଦ ହେଉ।"

ସେଠାରେ ଥିବା କେତେ ଲୋକ ବିଶ୍ୱାସ କରନ୍ତି? କ'ଣ ଆପଣ ବିଶ୍ୱାସ କରନ୍ତି କି?

156 ଲାଲ ରଙ୍ଗର ଏକ ପୋଷାକ ପିନ୍ଧି ଏଠାରେ ବସିଥିବା ଏହି ମହିଳାଜଣକ, ଯିଏକି ଠିକ୍ ଏଠାରେ ନିଜର ହାତ ଉଠାଇଛନ୍ତି, ଉଚ୍ଚ ରକ୍ତଚାପରେ ପୀଡ଼ିତ ଅଟନ୍ତି। କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିପାରିବେ? କ'ଣ ଆପଣ କରନ୍ତି? ଠିକ୍ ଅଛି। ସେଠାରେ ତଳେ ଆପଣଙ୍କ ପାଖରେ ଥିବା ସେହି ମହିଳାଜଣଙ୍କ ଉପରେ ନିଜର ହାତକୁ ରଖନ୍ତୁ, ଏବଂ ତାଙ୍କୁ କୁହନ୍ତୁ ଯେ ତାଙ୍କର ଗଳାର ସ୍ୱର ସବୁ ଠିକ୍ ହେବାକୁ ଯାଉଅଛି। ଆମେନ୍।

ତାହା ସେଠାରେ ଅଟେ। ଆମେନ୍। କ'ଣ ଆପଣ ବିଶ୍ୱାସ କରନ୍ତି? ବିଶ୍ୱାସ କରନ୍ତୁ!

157 ଏଠାରେ ଜଣେ ବ୍ୟକ୍ତି ଏଠାରେ ବସିଛନ୍ତି, ଯାହାଙ୍କର ଆନ୍ତଃକୋଶିକା ରକ୍ତସ୍ରାବ ହେଉଅଛି। ମହାଶୟ, କ'ଣ ଆପଣ ଠିକ୍ ଏଠାରେ ବସି ରହି, ତାହା ବିଶ୍ୱାସ କରନ୍ତି? ହଁ,

ଆପଣଙ୍କର ଆନ୍ତଃକୋଶିକା ରକ୍ତସ୍ରାବ ହେଉଅଛି । କ'ଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ତାହା ସୁସ୍ଥ ହେବ?

158 ଆପଣଙ୍କ ପାଖରେ ଥିବା ସେହି ମହିଳାଙ୍କର ମଧ୍ୟ ଆନ୍ତଃକୋଶିକା ରକ୍ତସ୍ରାବ ହେଉଅଛି, ଏବଂ ତାଙ୍କର ଏକ ପିଠିଜନିତ ସମସ୍ୟା ଅଛି । କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବାକୁ ଯାଉଛନ୍ତି? କ'ଣ ଆପଣ କରନ୍ତି? ହାତ ଉଠାନ୍ତୁ ଏବଂ ତାହାକୁ ଗ୍ରହଣ କରନ୍ତୁ । ବିଶ୍ୱାସ କରନ୍ତୁ ।

159 ଆପଣଙ୍କ ପାଖରେ ଥିବା ଏହି ମହିଳାଙ୍କର ଗୋଡ଼ରେ ଏବଂ ପଛ ଭାଗରେ ସମସ୍ୟା ଅଛି । ମହିଳା, କ'ଣ ଆପଣ ବିଶ୍ୱାସ କରନ୍ତି ଯେ ତାହା ଠିକ୍ ଅଟେ? କ'ଣ ଆପଣ ବିଶ୍ୱାସ କରନ୍ତି ଯେ ଆପଣ ସୁସ୍ଥ ହେବେ? ତେବେ ଠିକ୍ ଅଛି, ନିଜର ହାତ ଉଠାନ୍ତୁ, କୁହନ୍ତୁ, "ମୁଁ ଏହାକୁ ଗ୍ରହଣ କରେ ।"

160 ଠିକ୍ ଅଛି, ତାଙ୍କ ପାଖରେ ଥିବା ମହିଳାଙ୍କର ସଂକ୍ରମଣ ଅଛି । ଚଷମା ପିନ୍ଧିଥିବା ଯୁବତୀଜଣ, କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ସେହି ସଂକ୍ରମଣକୁ ସୁସ୍ଥ କରିଦେବେ? ନିଜର ହାତ ଉଠାନ୍ତୁ, କୁହନ୍ତୁ, "ମୁଁ ଏହାକୁ ଗ୍ରହଣ କରେ ।" ଠିକ୍ ଅଛି, ଏହାକୁ ବିଶ୍ୱାସ କରନ୍ତୁ ।

161 ତାଙ୍କ ପାଖରେ ଥିବା ମହିଳାଙ୍କର ବୃକକ୍ ସମସ୍ୟା ରହିଛି । ମହିଳା, କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ସେହି ବୃକକ୍ ସମସ୍ୟାକୁ ସୁସ୍ଥ କରିଦେବେ? ଠିକ୍ ଅଛି, ନିଜର ହାତ ଉଠାନ୍ତୁ, ଏହାକୁ ଗ୍ରହଣ କରନ୍ତୁ ।

162 ତାଙ୍କ ପାଖରେ ଥିବା ସେହି ସାନ ଝିଅଟିର ଗଳଗଣ୍ଡ ରୋଗ ଅଛି । କ'ଣ ତୁମେ ବିଶ୍ୱାସ କର ଯେ ପରମେଶ୍ୱର ସେଠାରେ ସେହି ଗଳଗଣ୍ଡ ରୋଗଟିକୁ ସୁସ୍ଥ କରିଦେବେ? ନିଜର ହାତକୁ ଉଠାଅ, ଏହାକୁ ଗ୍ରହଣ କର ।

163 କେତେ ଜଣ ନିଜର ସମସ୍ତ ହୃଦୟରେ ତାହା ବିଶ୍ୱାସ କରନ୍ତି? ତେବେ ନିଜ ପାଦରେ ଛିଡ଼ା ହୁଅନ୍ତୁ ଏବଂ ଏହାକୁ ଗ୍ରହଣ କରନ୍ତୁ । ଅବ୍ରହାମ, ଇସ୍ହାକ, ଏବଂ ଯାକୁବର ପରମେଶ୍ୱରଙ୍କ ଉପସ୍ଥିତିରେ ଛିଡ଼ା ହୁଅନ୍ତୁ ।

164 ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ । ଏହା ହେଉ ଯେ ବର୍ତ୍ତମାନ ପବିତ୍ରଆତ୍ମା ଏହି ଭବନରେ ଓହ୍ଲାଇ ଆସନ୍ତୁ ଏବଂ ଦିବ୍ୟ ଉପସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁସ୍ଥ କରନ୍ତୁ!

**_ପରମେଶ୍ୱର ଆପଣା ବ୍ୟାଖ୍ୟାତା ସ୍ୱୟଂ ଅଟନ୍ତି_** ORI64-0205

(God Is His Own Interpreter)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଫେବୃୟାରୀ 5, 1964, ବୁଧବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, କାଲିଫର୍ଣ୍ଣିଆ ପ୍ରଦେଶର, ବେକର୍ସ୍‌ଫିଲଡ ସହରରେ କେର୍ନ୍ କାଉଣ୍ଟି ଫେୟାରଗ୍ରାଉଣ୍ଡସଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2021 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:



Voice Of God Recordings

P.O. Box 950, Jeffersonville, Indiana 47131 U.S.A.

www.branham.org